## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୟୁକ୍ରେନ୍ ଫେରନ୍ତା ମେଡିକାଲ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।

**କଟକ**

- କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ଗୌରୀଶଙ୍କର ପାର୍କ, ଚୌଧୁରୀବଜାର, ସକାଳ ୮ଟା ୧୫।
- ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# ସିଙ୍ଗାପୁର ଗଲା ରୁଚିକାଙ୍କ ମୋବାଇଲ

ଭୁବନେଶ୍ୱର,୧୨।୭ (ବ୍ୟୁରୋ)

## ରାଗିଂରୁ ବିଜେବି ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା

- ଘଟଣା ସମ୍ପର୍କରେ ସୂଚନା ଦେବାକୁ ନମ୍ବର ଜାରି
- ରାଗିଂ ନେଇ କୌଣସି ପ୍ରମାଣ ମିଳିନାହିଁ: ଡିସିପି
- ପୈତୃକ ଗାଁ କଖଡ଼ିରେ ସରିଲା ଏକାଦଶାହ କର୍ମ



ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା ଧୀରେ ଧୀରେ ରହସ୍ୟ ହେବାରେ ଲାଗିଛି। ୧୧ଦିନ ପରେ ବି କଲେଜରେ ରୁଚିକାଙ୍କୁ ରାଗିଂ ହୋଇଥିବା ନେଇ ଏପର୍ଯ୍ୟନ୍ତ କମିଶନରେଟ ପୋଲିସ କୌଣସି ପ୍ରମାଣ ପାଇପାରୁନାହିଁ। ରୁଚିକାଙ୍କ ମୋବାଇଲ ଫୋନ୍‌ରେ ମାମଲା ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥାଇପାରେ। ତେଣୁ ଡାଟା ରିଟ୍ରିଭ୍ ପାଇଁ ମୋବାଇଲକୁ ମଙ୍ଗଳବାର ରାତିରେ ସିଙ୍ଗାପୁର ପଠାଯାଇଛି। ତେବେ ଏ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ସାଇବର ଏକ୍ସପର୍ଟ ଓ ଟେକ୍ନିକାଲ ଏକ୍ସପର୍ଟ ଟିମ୍ ତଦନ୍ତରେ କାମ କରୁଛନ୍ତି। ରୁଚିକାଙ୍କ ମୋବାଇଲରୁ ତଥ୍ୟ ପାଇବାକୁ ଚେଷ୍ଟା କରାଯାଉଛି। ସମସ୍ତ ସହପାଠୀ, ଛାତ୍ରୀଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ସମୟରେ ହଷ୍ଟେଲର ୧୯୮ ଛାତ୍ରୀ, ରୁଚିକାଙ୍କ ସମ୍ପର୍କୀୟ ଓ ସାଙ୍ଗଙ୍କୁ ଜେରା କରାଯାଇଛି। ରାଗିଂ ହେଉଥିବା ନେଇ ସେମାନେ ଅସ୍ୱୀକାର କରିଛନ୍ତି। ଏପର୍ଯ୍ୟନ୍ତ ରାଗିଂ ନେଇ କୌଣସି ପ୍ରମାଣ ମିଳିପାରିନାହିଁ। ଅତି ଆନ୍ତରିକତା ଓ ସମ୍ବେଦନଶୀଳତାର ସହ ମାମଲାର ତଦନ୍ତକୁ ପରିଚାଳନା କରାଯାଉଛି।



ଲୋୟର ପିଏମ୍‌ଜିରେ ଛାତ୍ର ସଂଗଠନର କର୍ମକର୍ତ୍ତାଙ୍କ ସହ ରୁଚିକାଙ୍କ ମା' ଧାରଣାରେ ବସିଛନ୍ତି।

ଛାତ୍ରୀଙ୍କ ମାନସିକ ଚାପ କିମ୍ବା ଅନ୍ୟ କୌଣସି ଅସୁବିଧାକୁ ଦୃଷ୍ଟିରେ ରଖି ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ମଧ୍ୟ ସହାୟତା ନେଉଛୁ। ଛାତ୍ରୀମାନେ ନିର୍ଭୟରେ କିପରି ମାମଲା ସମ୍ପର୍କରେ କହିପାରିବେ ସେନେଇ ହଷ୍ଟେଲ ଛାତ୍ରୀଙ୍କ ପାଇଁ ଏକ ଗୁପ୍ତ ନମ୍ବର ଜାରି କରାଯାଇଛି। କାହା ପାଖରେ କିଛି ତଥ୍ୟ ଥିଲେ ଏହି ନମ୍ବର ଦ୍ୱାରା ଜଣାଇପାରିବେ ବୋଲି ଡିସିପି ସିଂ କହିଛନ୍ତି।

ଅନ୍ୟପକ୍ଷରେ ରାଗିଂ ନେଇ ପୋଲିସ କୌଣସି ପ୍ରମାଣ ପାଉ ନ ଥିବା କହିବା ପରେ ରୁଚିକାଙ୍କ ମା' ବିଦ୍ୟୁତ୍‌ପ୍ରଭା କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ୩ ସିନିୟର ନିର୍ଯାତନା ଦେଇଥିବା ସୁଇସାଇଡ୍ ନୋଟ୍‌ରେ ରୁଚିକା ପ୍ରମାଣ ଦେଇଯାଇଛି। ଏହା ପରେ ମଧ୍ୟ ପୋଲିସ କୌଣସି ପ୍ରମାଣ ପାଇପାରୁ ନ ଥିବା କହୁଛି। ପୋଲିସ ବିଭାଗକୁ ଆଉ କ'ଣ ପ୍ରମାଣ ଦରକାର। ଯିଏ ଦୋଷୀ ସେ କ'ଣ ସବୁ ପ୍ରମାଣ ଦେଇଥିବ କି? ପୋଲିସର ପାରିବାପଣିଆ ନ ଥିବା ସ୍ପଷ୍ଟ ଜଣାପଡୁଛି। ପୋଲିସ ମୋତେ ନ୍ୟାୟ ଦେଇପାରିବନି ବୋଲି ବିଦ୍ୟୁତ୍‌ପ୍ରଭା କହିଛନ୍ତି। ଅନ୍ୟପକ୍ଷରେ ମାମଲାକୁ ଚପାଇବାକୁ ପୋଲିସ ଉଦ୍ୟମ କରୁଥିବା ଏନ୍‌ଏସ୍‌ଆଇଏସ୍ ରାଜ୍ୟ ସଂଯୋଜକ ଏମ୍.ଡି. ମନୱର ଅଲ୍ଲୀ ଖବରଦାତା ସମ୍ମିଳନୀ କରି କହିଛନ୍ତି। ସେପଟେ ଶୋକାକୁଳ ପରିବେଶ ଭିତରେ କଟକ ଜିଲା ଆଠଗଡ଼ କଖଡ଼ି ଗାଁରେ ମଙ୍ଗଳବାର ପରିବାର ପକ୍ଷରୁ ରୁଚିକାଙ୍କ ଏକାଦଶାହ କର୍ମ କରାଯାଇଛି।

### ପୁଣି ଧାରଣାରେ ବସିଲେ ମା', ଛାତ୍ରୀଛାତ୍ର

ବିଜେବି କଲେଜ ସମ୍ମୁଖରୁ ପୋଲିସ ବଳ ପ୍ରୟୋଗ କରି ତଡ଼ିଦେବା ପରେ ଏକାଧିକ ଛାତ୍ର ସଂଗଠନ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଆରମ୍ଭ ହୋଇଛି। ରାତିରେ ରୁଚିକାଙ୍କ ମା' ବିଦ୍ୟୁତ୍‌ପ୍ରଭାଙ୍କ ସମେତ ପରିବାର ସଦସ୍ୟ ଧାରଣାରେ ଯୋଗଦେଇଥିବା ଏଆଇଏସ୍‌ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା କହିଛନ୍ତି। ନ୍ୟାୟ ପାଇବା ପାଇଁ ୧୦ଦିନ ଧରି ରୁଚିକାଙ୍କ ମା', ପରିବାର ସଦସ୍ୟ ଓ ଏକାଧିକ ଛାତ୍ର ସଂଗଠନର କର୍ମକର୍ତ୍ତା ବିଜେବି କଲେଜ ଫାଟକ ଆଗରେ ଧାରଣା ଦେଇଥିଲେ। ହେଲେ ସୋମବାର ପୋଲିସ ବଳ ପ୍ରୟୋଗ କରି ରାସ୍ତାରେ ଘୋଷାରି ଘୋଷାରି ଉଠାଇ ନେଇଥିଲା। ଏଥିସହ ଅସ୍ଥାୟୀ ଟେଣ୍ଟକୁ ମଧ୍ୟ ଭାଙ୍ଗି ଦେଇଥିଲା। ଫଳରେ ସେମାନେ ମଙ୍ଗଳବାରଠାରୁ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘମିତ୍ରା କହିଛନ୍ତି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ପରିବେଶବିତ୍ ସାଗର ପ୍ରଧାନ



ଭୁବନେଶ୍ୱର,୧୨।୭(ବ୍ୟୁରୋ)- ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ଲେଖକ ତଥା ପରିବେଶବିଦ୍ ଡ. ସାଗର ପ୍ରଧାନ। ପରିବେଶ ସଫେଇ ଅଭିଯାନ ପାଇଁ ତାଙ୍କ ବ୍ୟକ୍ତିଗତ ଉଦ୍ୟମ ତାଙ୍କୁ ଏହି ସଫଳତା ଆଣି ଦେଇଛି। ଡ. ପ୍ରଧାନ ହେଉଛନ୍ତି କେନ୍ଦ୍ରାପଡା ଜିଲା ଅଢ଼ଙ୍ଗା ମଲ୍ଲିକେଶ୍ୱରପୁରର ବାସିନ୍ଦା। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଅନୁଯାୟୀ, ଚାରା ରୋପଣ, ବେଳାଭୂମି ସଫେଇ, ପୋଖରୀର ପୁନରୁଦ୍ଧାର, ମୃତ୍ତିକା କ୍ଷୟ ରୋକିବା ଆଦି କାମ ପାଇଁ ସେ ତାଙ୍କ ପୁସ୍ତକର ସମସ୍ତ ରୟାଲଟି ଅର୍ଥ ଦାନ କରିଛନ୍ତି। ଏହା ଛଡା ଇଲେକ୍ଟ୍ରୋନିକ୍ ଓ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା, ପ୍ଲାଷ୍ଟିକ ସମସ୍ୟା, କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବା ଆଦି ଦିଗରେ ଅନେକ ପରିବେଶ ସଚେତନତା ପ୍ରବନ୍ଧ ମଧ ରଚନା କରିଛନ୍ତି। ପୂର୍ବରୁ ମିଳିତ ଜାତିସଂଘ ସାଗରଙ୍କୁ 'ବିଶ୍ୱ ପରିବେଶ ଦିବସ ହିରୋ -୨୦୨୦' ଭାବେ ସ୍ୱୀକୃତି ଦେଇସାରିଛି। ସେ ମଧ କୋଲ୍ଡ ଟେକ୍ନୋଲୋଜି ଲଣ୍ଡନର ମୁଖ୍ୟ କେରି ଗିଲ୍ଡର୍ ଏବଂ ପ୍ରସିଦ୍ଧ ପୋଲାର ଏକ୍ସପ୍ଲୋରର ରବର୍ଟ ସ୍ୱାନଙ୍କ 'କ୍ଲାଇମେଟ୍ ଫୋର୍ସ ୨୦୪୧ ସଷ୍ଟେନେବିଲିଟି ଚାମ୍ପିଅନ୍' ତାଲିକାର ଶ୍ରେଷ୍ଠ ୩ତମ ସ୍ଥାନ ପାଇଥିଲେ।

# ଜାପାନରେ ଓଡ଼ିଆ ମନୋବିଜ୍ଞାନୀ ଶୀତଲ

କଟକ ଅଫିସ, ୧୨।୭



ଶୀତଲ ଜେଠୀ

ଅନେକ ଓଡ଼ିଆ ନିଜ ପ୍ରତିଭା ବଳରେ ଦେଶବିଦେଶରେ ନାମ ଅର୍ଜନ କରୁଛନ୍ତି। ଶିକ୍ଷକମାନଙ୍କୁ ଶିକ୍ଷା କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ସହ ଅଧିକ ଜ୍ଞାନ ଅର୍ଜନ କରିବା ପାଇଁ ଜାପାନ ସରକାରଙ୍କ ଶିକ୍ଷା ବିଭାଗର ନିମନ୍ତ୍ରଣ କ୍ରମେ ଓଡ଼ିଆ ମନୋବିଜ୍ଞାନୀ ଶୀତଲ ଜେଠୀ ଗତ ୮ ତାରିଖରେ ସେଠାକୁ ଯାଇଛନ୍ତି। କୋମଳମତି ଶିଶୁଙ୍କୁ କିପରି ସହଜ ଓ ସରଳ ଉପାୟରେ ଜ୍ଞାନ ପ୍ରଦାନ କରିହେବ ସେନେଇ ସେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଚାଲିଛନ୍ତି।

ଶିଶୁ ଓ ଶିକ୍ଷକଙ୍କ ମନସ୍ତାତ୍ତ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ସେ ଅନେକ ସନ୍ଦର୍ଭ ଲେଖିଛନ୍ତି । ସେ ୟାମାନାସୀ ୟୁନିଭର୍ସିଟି ଓ ଟୋକିଓରେ ତାଙ୍କର ଅର୍ଜିତ ଜ୍ଞାନ ଓ ଅଭିଜ୍ଞତାକୁ ଶିକ୍ଷକମାନଙ୍କୁ ପ୍ରଦାନ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ପିଲାଟି ଦିନରୁ ଶିଶୁଙ୍କ ପ୍ରତି ଥିବା ଆଗ୍ରହ ତାଙ୍କୁ ବିକାଶ ଦିଗରେ ଆଗେଇ ନେଇଛି। ଓଡ଼ିଶାରେ ଏମ୍‌ବିଏ ଡିଗ୍ରୀ ଅର୍ଜନ କରିଥିବା ଶୀତଲ ପରବର୍ତ୍ତୀ ସମୟରେ ବେଙ୍ଗାଲୁରୁ ଯାଇ ଶିଶୁ ମନୋବିଜ୍ଞାନରେ ବହୁ ଜ୍ଞାନ ଅର୍ଜନ କରିଥିଲେ । ତାଙ୍କ ଲିଖିତ ସନ୍ଦର୍ଭମାନ ଅନେକ ଶିକ୍ଷାବିତ୍‌ଙ୍କ ଦ୍ୱାରା ପ୍ରଶଂସା ଲାଭ କରିଛି । କଟକ ଡଗରପଡ଼ା ନିବାସୀ ଆର୍ଟିଷ୍ଟ ଶାରଦା ଚରଣ ଜେଠୀ ଓ ଲେଖିକା ଲଳିତା ସାହୁଙ୍କ ଜ୍ୟେଷ୍ଠା କନ୍ୟା ଶୀତଲ । ତାଙ୍କ ସ୍ୱାମୀ ଦିବଂଗତ ଶ୍ଲୋକ ଆର୍ଯ୍ୟଙ୍କ ଗତ ବର୍ଷ କରୋନା ମହାମାରୀରେ ମାତ୍ର ୪୩ ବର୍ଷରେ ପରଲୋକ ଘଟିଥିଲା । ଶ୍ଲୋକ ଜଣେ ବୈଜ୍ଞାନିକ ଥିଲେ। ସ୍ୱାମୀଙ୍କୁ ହରାଇଥିବା ଶୀତଲ ଦୁଃଖରେ ଭାଙ୍ଗି ନ ଯାଇ ୧୦ ବର୍ଷର ପୁଅ ଏବଂ ବୃଦ୍ଧ ମାତାପିତାଙ୍କ ପାଇଁ ଆଗକୁ ବଢ଼ିବା ଲାଗି ଦୃଢ଼ମନା ହୋଇଥିଲେ। ନିରନ୍ତର ଅଧ୍ୟବସାୟ ଓ ଶିଶୁ ମନୋବିଜ୍ଞାନ ଉପରେ ଗବେଷଣା ତାଙ୍କୁ ବହୁ ଉଚ୍ଚ ସ୍ଥାନକୁ ନେଇ ପହଞ୍ଚାଇପାରିଛି । ଝିଅର ଏପରି କାର୍ଯ୍ୟ ପାଇଁ ବାପା ଶାରଦା ନିଜେ ଗର୍ବିତ ବୋଲି କହିଛନ୍ତି। କାରଣ କଟକରେ ତାଙ୍କୁ ସମସ୍ତେ ଶୀତଲଙ୍କ ବାପା ନାମରେ ଡାକୁଛନ୍ତି । ଝିଅ ନାମରେ ସେ ଅଧିକ ପରିଚିତ ହେଉଛନ୍ତି । ଏହାଠାରୁ ଗର୍ବର ବିଷୟ ଜଣେ ବାପାଙ୍କ ପାଇଁ ଆଉ କିଛି ନାହଁ ବୋଲି ସେ କହିଛନ୍ତି ।

## ସିଏମ୍‌ସି କାର୍ଯ୍ୟାଳୟର ୮ କର୍ମଚାରୀଙ୍କୁ କରୋନା

କଟକ ଅଫିସ, ୧୨।୭

କଟକ ମହାନଗର ନିଗମ(ସିଏମ୍‌ସି)ର ବିଜୁଭବନ କାର୍ଯ୍ୟାଳୟରେ ୮ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ୧୧୦ ଜଣ ଅଧିକାରୀ ଓ କର୍ମଚାରୀଙ୍କ କରୋନା ପରୀକ୍ଷା କରାଯିବା ପରେ ୮ ଜଣ ପଜିଟିଭ ଥିବା ଜଣାପଡିଥିଲା। ସମସ୍ତ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଇଛି। ସିଏମ୍‌ସି କୋଭିଡ୍ କଣ୍ଟ୍ରୋଲ ରୁମ୍ ପକ୍ଷରୁ ସେମାନଙ୍କ ସହିତ ଯୋଗାଯୋଗ କରାଯିବା ସହ ଔଷଧ ଦିଆଯାଇଛି। କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସିଏମ୍‌ସିର ବହୁ କର୍ମଚାରୀଙ୍କ ମଧ୍ୟରେ ଭୟ ଦେଖାଦେଇଛି। ସିଏମ୍‌ସି କାର୍ଯ୍ୟାଳୟକୁ ଜନସାଧାରଣଙ୍କ ଯାତାୟତ ଉପରେ କଟକଣା ଲଗାଯାଇନାହିଁ। ସିଏମ୍‌ସି କମିଶନର ନିଖିଲ ପଭ୍ନ କଲ୍ୟାଣ ଏନେଇ ମେୟର ସୁବାସ ସିଂଙ୍କ ସହ ଆଲୋଚନା କରିବା ପରେ କଟକଣା ଜାରି କରାଯିବ ବୋଲି ଜଣାପଡିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ଦୁଲେଶ୍ୱର



@ ଧର୍ମେନ୍ଦ୍ର



@ ଅଂଶୁମାନ



@ ପ୍ରୀତମ୍



@ ଜିତୁ



@ ସୋମନାଥ

# ଚାଇନା ନାଗରିକଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର

ଭୁବନେଶ୍ୱର,୧୨।୭ (ବ୍ୟୁରୋ)

- ଏୟାରପୋର୍ଟ, ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ
- ମାମଲାରେ ପୂର୍ବରୁ ଗିରଫ ହୋଇଛନ୍ତି ୫ ଅଭିଯୁକ୍ତ
- ଠକେଇରେ ଏକାଧିକ ଚାଇନା ନାଗରିକଙ୍କ ସମ୍ପୃକ୍ତି ସୂଚନା



ମାଷ୍ଟରମାଇଣ୍ଡ ଲିୟୁ ଇଙ୍କ ସ୍କେଚ୍ ।

ଗ୍ରାହକଙ୍କୁ ଆପ୍ ଦ୍ୱାରା ଲୋନ୍ ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ଟଙ୍କା ଆଦାୟ ମାମଲାରେ ମାଷ୍ଟରମାଇଣ୍ଡ ହେଉଛନ୍ତି ଜଣେ ଚାଇନା ନାଗରିକ। ସେ ହେଲେ ଲିୟୁ ଇ। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଭିଯୁକ୍ତ ଲିୟୁଙ୍କୁ ଧରିବାକୁ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ)ର ସହାୟତା ଲୋଡ଼ିଛି। ଇଓଡବ୍ଲ୍ୟୁର ଅନୁରୋଧକ୍ରମେ ବିଓଆଇ ପକ୍ଷରୁ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଛି। ଲିୟୁ ଏବେ ଭାରତରେ ଅଛନ୍ତି ନା ବିଦେଶରେ, ତାହା ଜଣାପଡ଼ି ନ ଥିଲେ ମଧ୍ୟ ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ କରିଦିଆଯାଇଛି। ଏଥିସହ ତାଙ୍କ ଉପରେ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ପୋଲିସକୁ ମଧ୍ୟ କୁହାଯାଇଛି।

ଏହି ମାମଲାରେ ପୂର୍ବରୁ ଲିୟୁଙ୍କ ୫ ସହଯୋଗୀ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଲିୟୁଙ୍କ ସମେତ ଏକାଧିକ ଚାଇନା ନାଗରିକଙ୍କ ସମ୍ପୃକ୍ତି ରହିଛି। ଭାରତ ସମେତ ଥାଇଲାଣ୍ଡ ଓ ଅନ୍ୟ ଦେଶରେ ଏମାନେ ଲୋନ୍ ଆପ୍ ଦ୍ୱାରା ଠକେଇ ର୍‍ୟାକେଟ ଚଳାଇଥିବା ସନ୍ଦେହ କରି ଅଧିକ ତଦନ୍ତ ଚାଲିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ମାଷ୍ଟରମାଇଣ୍ଡ ଲିୟୁ ଭାରତରେ କୋକୋ ଲୋନ୍, ଜୋଜୋ ଲୋନ୍, ଗୋଲ୍ଡେନ ଲାଇଟ୍‌ନିଂ ଲୋନ୍, ସିଲ୍‌ଭର କ୍ରେଡିଟ୍ ଲୋନ୍, ଗୋଲ୍ଡ କ୍ୟାଶ୍ ଲୋନ୍, ଲିଟିଲ୍ ବରୋ ଲୋନ୍, ଟ୍ୟାପ୍ କ୍ରେଡିଟ୍ ଲୋନ୍, କ୍ରେଡିଟ୍ ବିୟର ଲୋନ୍, ସ୍ପିଡି ରୁପି ଲୋନ୍, ଏକ୍ସପ୍ରେସ୍ କ୍ରେଡିଟ୍ ଲୋନ୍, କ୍ରେଡିଟ୍ ପ୍ଲାନ୍ ଲୋନ୍ ଭଳି ବହୁ ଆପ୍ ଦ୍ୱାରା ଠକେଇ କରିଛନ୍ତି। ତାଙ୍କ ମୂଳ କମ୍ପାନୀ ହେଉଛି ଚାଇନା ହାଙ୍ଗ୍‌ଜୋହୁଠାରେ ଥିବା 'ଜିଆନ୍‌ବିଙ୍ଗ୍ ଟେକ୍ନୋଲୋଜି'। ଏଥିସହ ସେ 'ଉମ୍‌ଲେଟ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିଃ' କମ୍ପାନୀର ନିର୍ଦ୍ଦେଶକ ଅଛନ୍ତି। ସେହିଭଳି ୱେଲୋ ଟିଉନ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିଃ, ମୁଡ୍‌ମେଟ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିଃ, ପିଙ୍କ୍‌ଲିଫ୍ ଆରିୟାନ୍ କମ୍ୟୁନିକେଶନ୍ସ ପ୍ରାଇଭେଟ ଲିଃ, ଟେକ୍‌ଲାଇଟ୍ ଡେଭଲପ୍‌ମେଣ୍ଟ ପ୍ରାଇଭେଟ୍ ଲିଃ, ଉରେଲା ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିଃ, ଆଇଡବ୍ଲ୍ୟୁଟି ଇଣ୍ଡିଆ ଓ ଓସିଏନ୍ ଟ୍ରେଡିଙ୍ଗ୍ ସମେତ ୮ଟି କମ୍ପାନୀକୁ ପରିଚାଳନା କରନ୍ତି। ସେ ୨୦୧୯ରେ ଭାରତରେ ବେଆଇନ୍ ଲୋନ ଆପ୍ କାରବାର ଆରମ୍ଭ କରିଥିଲେ। ସହଯୋଗୀଙ୍କ ଦ୍ୱାରା ଲିୟୁ ସାଧାରଣ ଲୋକଙ୍କୁ ପ୍ରବର୍ତ୍ତାଇ ସେମାନଙ୍କ ନାମରେ ସିମ୍ କାର୍ଡ ସହ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ। ଏଥିସହ ଉକ୍ତ ଲୋକଙ୍କୁ କମ୍ପାନୀର ନିର୍ଦ୍ଦେଶକ ଓ କର୍ମଚାରୀ ଦାୟିତ୍ୱ ଦେଉଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଓ କମ୍ପାନୀକୁ ଲିୟୁ ହିଁ ପରିଚାଳନା କରୁଥିଲେ। କେବଳ ସେତିକି ନୁହେଁ, ସେ ଗାଳି ସହ ଧମକ ଦେବାକୁ କଲସେଣ୍ଟର ମଧ୍ୟ ଖୋଲିଥିଲେ। କୋକୋ ଓ ଜୋଜୋ ଆପ୍ ସମେତ ଏକାଧିକ ଲୋନ୍ ଆପ୍ ମାଧ୍ୟମରେ ଠକେଇ ପାଇଁ ଜାଲ ବିଛାଉଥିଲେ। ଯେଉଁ ଗ୍ରାହକଙ୍କ ଆକାଉଣ୍ଟରେ ଠକେଇ ଟଙ୍କା କାରବାର ହେଉଥିଲା, ସେମାନଙ୍କୁ ୩ରୁ ୧୦ ହଜାର ଟଙ୍କା ଦେଇ ବହୁଗୁଣା ଟଙ୍କା ନିଜ ନେଉଥିଲେ। ଟଙ୍କା ନ ଦେଲେ କର୍ମଚାରୀଙ୍କ ଦ୍ୱାରା ଗାଳି, ଧମକ ଓ ନିର୍ଯାତନା ଦିଆଯାଉଥିଲା। ତଦନ୍ତ ବାଟବଣା କରିବାକୁ ଗ୍ରାହକଙ୍କଠାରୁ ମାଷ୍ଟରମାଇଣ୍ଡ ଲିୟୁ ବିଭିନ୍ନ ମାଧ୍ୟମ ଦେଇ ଟଙ୍କା ନେଇଥାନ୍ତି। ୧୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ଏପ୍ରିଲ୍ ୨୧ରେ ଏକ ମାମଲା ( ନଂ.୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍, ୩ ଗିରଫ

ନିଆଳି,୧୨।୭(ଡି.ଏନ.ଏ.)

ମାଇକ୍ରୋ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କଠାରୁ ଲୁଟ୍ କରିବା ଅଭିଯୋଗରେ ନିଆଳି ପୋଲିସ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନିଆଳି ଥାନା ଅଧୀନ ଜଳାରପୁର ଗ୍ରାମର ସୁଶୀଲ ନାୟକ, ନିମାପଡା ଥାନା ଅନ୍ତର୍ଗତ ସାତପୁରୀ ଗ୍ରାମର ଚତୁର୍ଭୁଜ ବାରିକ ଓ ବିଷ୍ଣୁପୁର ଗ୍ରାମର ବିଷ୍ଣୁ ଚରଣ ପରିଡା। ସେମାନଙ୍କଠାରୁ ୩୦ ହଜାର ଟଙ୍କା, ମାରଣାସ୍ତ୍ର, ଟ୍ୟାବ୍, ମୋବାଇଲ ଓ ଲୁଟ୍‌ରେ ବ୍ୟବହୃତ ବାଇକ୍ ଜବତ କରାଯାଇଛି। ଏ ସମ୍ପର୍କରେ ନିଆଳି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ଥାନାଧିକାରୀ ବିଜୟ କୁମାର ମଲ୍ଲିକ କହିଛନ୍ତି, ସୋମବାର ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍‌ରେ ଫାଇନାନ୍ସ କମ୍ପାନୀର କର୍ମଚାରୀ ସ୍ୱାଧୀନ ଭୋଇ ସ୍ଥାନୀୟ ପହଙ୍ଗା ଓ କପାସି ଗ୍ରାମରୁ ଟଙ୍କା ଆଦାୟ କରି ଫେରୁଥିଲେ। ବାଟରେ ୱାଉପଲ୍ଲୀ ଗ୍ରାମ ନିକଟ ଏକ ନିଛାଟିଆ ସ୍ଥାନରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇବା ସହ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରେ ଥିବା ୩୦ ହଜାର ଟଙ୍କା ଓ ଟ୍ୟାବ୍ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସ୍ୱାଧୀନ ନିଆଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୯୪/୨୨) ରୁଜୁ କରିଥିଲା। ପରେ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ସୁଶୀଲଙ୍କ ନାଁରେ ୩୨ ଓ ଚତୁର୍ଭୁଜଙ୍କ ନାଁରେ ବିଭିନ୍ନ ଥାନାରେ ୪୦ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଜଣାପଡିଛି।



ଜୀବନ ରେଖା ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ପରିବେଷିତ ନାଟକ 'ବେନାଟକ'ର ଏକ ଦୃଶ୍ୟ।





ଓଡ଼ିଆ ଜାଗରଣ ଯାତ୍ରା ପରିପ୍ରେକ୍ଷୀରେ 'ଓଡ଼ିଆରେ ପଢ଼ିବା ଓଡ଼ିଶା ଗଢ଼ିବା'ର ବାର୍ତ୍ତା ନେଇ ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।



ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା ଗଙ୍ଗାଧର ପାଇକରାୟଙ୍କ ୧୦୭ତମ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ଭୁବନେଶ୍ୱର ଶ୍ରୀୟା ଟକିଜ୍ ଛକ ନିକଟ ତାଙ୍କ ବାସଭବନରେ ଉପସ୍ଥିତ ଅତିଥିମାନେ।

# ରତ୍ନବେଦିକୁ ଫେରିଲେ ଚତୁର୍ଦ୍ଧାମୂର୍ତ୍ତି


ମଦନମୋହନଙ୍କୁ ଗୋଟି ପହଣ୍ଡିରେ ରତ୍ନବେଦିକୁ ନିଆଯାଉଛି।


ଶ୍ରୀରାମକୃଷ୍ଣଙ୍କ ପହଣ୍ଡି ବିଜେ।


ସେବାୟତମାନେ ଶ୍ରୀସୁଦର୍ଶନଙ୍କୁ ପହଣ୍ଡିରେ ନେଉଛନ୍ତି।








ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେବାୟତମାନେ ପହଣ୍ଡି କରି ରତ୍ନବେଦିକୁ ନେଉଛନ୍ତି।

## ମହାବାହୁଙ୍କ ନୀଳାଦ୍ରି ବିଜେ

**ପୁରୀ ଅଫିସ,୧୨।୭**

ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିର ରତ୍ନସିଂହାସନକୁ ବାହୁଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ଶେଷ ପରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଶ୍ରୀମଦନମୋହନ ଓ ଶ୍ରୀରାମକୃଷ୍ଣଙ୍କୁ ଏବଂ ପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ବଡ଼ଦେଉଳ ରତ୍ନବେଦିକୁ ବିଜେ କରାଯାଇଥିଲା। ଏହାପରେ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରା ଗୋଟି ପହଣ୍ଡି ହୋଇ ରତ୍ନସିଂହାସନକୁ ବିଜେ କରିଥିଲେ। ଏହି ସମୟରେ ଶୁଆସାରି ଦେଉଳଠାରେ ପତିମହାପାତ୍ର ଘଷାବିଡ଼ିଆ ମଣୋହି ଓ ବନ୍ଦାପନା କରିଥିଲେ। ଜଗମୋହନଠାରେ ମଧ ଏହି ନୀତି କରାଯାଇଥିଲା। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ନୀତିକାନ୍ତି ଆରମ୍ଭ ହୋଇଥିଲା।


ମହାପ୍ରଭୁଙ୍କ ସହ ଭେଟ କରାଇବା ପାଇଁ ମା' ଲକ୍ଷ୍ମୀଙ୍କୁ ସେବାୟତ ନେଉଛନ୍ତି।

ମହାପ୍ରଭୁ ରଥରୁ ଓହ୍ଲାଇବା ପରେ ଲକ୍ଷ୍ମୀ ଠାକୁରାଣୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଭେଟ ମଣ୍ଡପଠାରେ ଖଟ ଶେଯ ମେକାପ ପକାଇଥିବା ତମ୍ବରୁ ଉପରେ ବିଜେ କରିଥିଲେ। ରଥରେ ଶ୍ରୀଜଗନ୍ନାଥଙ୍କ ବନ୍ଦାପନା ବେଳେ ଭିତରଚ୍ଛୁ ମହାପାତ୍ର ମା' ଲକ୍ଷ୍ମୀଙ୍କ ବନ୍ଦାପନା କରିଥିଲେ। ଏହାପରେ ଭଣ୍ଡାର ଘରକୁ ମା' ଲକ୍ଷ୍ମୀ ବିଜେ କରିଥିଲେ। ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ସିଂହଦ୍ୱାରକୁ ଆସିବା ପୂର୍ବରୁ ଦ୍ୱାର ବନ୍ଦ କରାଯାଇଥିଲା ଓ ପରେ ଆସିବା ମାତ୍ରେ ଖୋଲି ଦିଆଯାଇଥିଲା। ଏହାପରେ ମହାପ୍ରଭୁ ସିଂହଦ୍ୱାର ଅତିକ୍ରମ କରି ପହଣ୍ଡି ହୋଇ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପହଞ୍ଚିବା ପୂର୍ବରୁ ମହାଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପୂର୍ବରୁ ମହାପ୍ରଭୁଙ୍କ ପକ୍ଷରୁ ଦଇତା ଓ ଭିତରପଟେ ମହାଲକ୍ଷ୍ମୀଙ୍କ ପକ୍ଷରୁ ଭିତରଚ୍ଛୁ ମହାପାତ୍ର ବଚନିକା କରିଥିଲେ। ପରେ ଜୟବିଜୟ ଦ୍ୱାର ଖୋଲାଯାଇଥିଲା। ଭଣ୍ଡାରଘରେ ବିଜେ କରିଥିବା ମହାଲକ୍ଷ୍ମୀଙ୍କ ପାଖରେ ଠାକୁର ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ପକ୍ଷରୁ ଭିତରଚ୍ଛୁ ସେବାୟତ ବିବାହ ଗଇଁଠାଳ ଫିଟାଇଥିଲେ। ଏହାପରେ ବନ୍ଦାପନା କରାଯାଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ଉଦ୍ଦେଶ୍ୟରେ ରସଗୋଲା ଭୋଗ କରାଯାଇଥିଲା। ଏଭଳି ଭାବେ ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କରିଥିଲେ ମହାପ୍ରଭୁ। ଶେଷରେ ଘଷାବିଡ଼ିଆ ମଣୋହୀ ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ। ଏହାପରେ ମହାସ୍ନାନ, ରୋଷହୋମ, ମଇଲମ, ଚନ୍ଦନଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଡ଼ ସିଂହାର ବେଶ, ବଡ଼ସିଂହାର ଭୋଗ ଶେଷ କରାଯାଇ ରାତ୍ର ପହୁଡ଼ ସମ୍ପାଦିତ ହୋଇଥିଲା। ଅନ୍ୟପକ୍ଷରେ ନୀଳାଦ୍ରି ବିଜେ ନୀତିକାନ୍ତି ନିର୍ଦ୍ଧାରିତ ସମୟଠାରୁ ୨ଘଣ୍ଟା ବିଳମ୍ବ ଘଟିଥିଲା। ଅପରାହ୍ନ ୪ଟାରେ ପହଣ୍ଡି ଆରମ୍ଭ ଲାଗି ସମୟ ଧାର୍ଯ୍ୟ ହୋଇଥିଲେ ମଧ ସନ୍ଧ୍ୟା ୬ଟା ହୋଇଯାଇଥିଲା। ତେବେ ନୀଳାଦ୍ରି ବିଜେ ସହ ରଥଯାତ୍ରା ସୁଚାରୁ ରୂପେ ସମ୍ପନ୍ନ ହୋଇଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆଜିଠୁ ମିଳିବ ନୀଳାଚଳ ଅବଢ଼ା

**ପୁରୀ ଅଫିସ,୧୨।୭**

ଆଷାଢ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ମଙ୍ଗଳବାର ରଥାରୂଢ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିଛନ୍ତି। ବୁଧବାରଠାରୁ ଶ୍ରୀମନ୍ଦିରରେ ନୀଳାଚଳ ଅବଢ଼ା ବାହାରିବ। ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ। ସେହିପରି ଚତୁର୍ଦ୍ଧାବିଗ୍ରହଙ୍କୁ ଭକ୍ତମାନେ ଶ୍ରୀମନ୍ଦିରରେ ଦର୍ଶନ କରିବେ।

## ପହଣ୍ଡି ବେଳେ ଖସିପଡ଼ିଲେ ସୁଦର୍ଶନ

**ପୁରୀ ଅଫିସ, ୧୨।୭**

ନୀଳାଦ୍ରି ବିଜେ ଅବସରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପହଣ୍ଡି ବେଳେ ଚକ୍ରରାଜ ଶ୍ରୀସୁଦର୍ଶନ ଖସିପଡ଼ିଥିଲେ। ସୂଚନା ଅନୁଯାୟୀ, ତିନିରଥରେ ଚାରମାଳ ବନ୍ଧା ହେବା ପରେ ମୁଦିରସ୍ତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ପରେ ରଥାରୂଢ଼ ଠାକୁରଙ୍କ ଗୋଟି ପହଣ୍ଡି ଆରମ୍ଭ ପାଇଁ ବିଜେ କାହାଳି ବାଜିଥିଲା। ପ୍ରଥମେ ତାଳଧ୍ୱଜ ରଥରୁ ରାମକୃଷ୍ଣ ଏବଂ ନନ୍ଦିଘୋଷ ରଥରୁ ମଦନମୋହନ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ପରେ ଦର୍ପଦଳନ ରଥରୁ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଚାରମାଳ ଉପରେ ସୁଦର୍ଶନଙ୍କୁ ମାଳଚୂଳ ଲାଗିହେବା ପରେ ପହଣ୍ଡି ଆରମ୍ଭ ହୋଇଥିଲା। ତେବେ ସୁଦର୍ଶନ ଚାରମାଳ ତଳକୁ ଆସିବା ସମୟରେ ହଠାତ ସେବକଙ୍କ ହାତରୁ ଖସିପଡ଼ିଥିଲେ। ଫଳରେ ସୁଦର୍ଶନଙ୍କ ସମେତ ସେବାୟତ ମଧ ପଡ଼ିଯାଇଥିଲେ। ତୁରନ୍ତ ସେବାୟତମାନେ ସୁଦର୍ଶନଙ୍କୁ ଉଠାଇ ପହଣ୍ଡି କରି ଶ୍ରୀମନ୍ଦିରକୁ ନେଇଥିଲେ। ସେହିପରି ପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ସମୟରେ ଚାରମାଳ ତଳକୁ ଆସିବା ବେଳେ ଟିକେ ପଛକୁ ଆଉଜି ଯାଇଥିଲେ। ଫଳରେ କେତେଜଣ ସେବାୟତଙ୍କ ଗୋଡ଼ ଖସିଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ପଡ଼ିଯାଇଥିଲେ। ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରି ନିଆଯିବା ବାଟରେ ଅରୁଣ ସ୍ତମ୍ଭ ପାଖରେ କିଛି ସମୟ ରଖାଯାଇଥିବା ଦେଖିବାକୁ ମିଳିଥିଲା।

## ଡାକମୋହର ଉନ୍ମୋଚିତ



**ପୁରୀ ଅଫିସ,୧୨।୭**

ନୀଳାଦ୍ରି ବିଜେ ଅବସରରେ ସ୍ୱତନ୍ତ୍ର ଡାକମୋହର ଉନ୍ମୋଚିତ ହୋଇଛି। ପୁରୀ ମୁଖ୍ୟ ଡାକଘର ପରିସରରେ ଡାକମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ମହାନ୍ତି, ଦେବୀ ସୁଭଦ୍ରାଙ୍କ ମୁଖ୍ୟ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଉପସ୍ଥିତିରେ ଏହି ଡାକମୋହର ଉନ୍ମୋଚିତ ହୋଇଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ବ୍ୟାପକ ପ୍ରଚାର ପ୍ରସାର ଦିଗରେ ଡାକସେବାର ଏଭଳି ପଦକ୍ଷେପ ଉଲ୍ଲେଖନୀୟ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମ ରାଜ୍ୟ ଓ ରାଜ୍ୟ ବାହାରର ଫିଲାଟେଲିଷ୍ଟଙ୍କ ଦ୍ୱାରା ଆଦୃତ ହୋଇଛି। ନେତ୍ରୋତ୍ସବଠାରୁ ନୀଳାଦ୍ରି ବିଜେ ମଧ୍ୟରେ ଚାରି ପର୍ଯ୍ୟାୟରେ ଡାକମୋହର ଉନ୍ମୋଚନ କରାଯାଇଛି। ପୂର୍ବରୁ ନେତ୍ରୋତ୍ସବରେ ପୁରୀ ଗୋବର୍ଦ୍ଧନ ପୀଠାଧୀଶ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସ୍ୱତନ୍ତ୍ର ଡାକମୋହର ଉନ୍ମୋଚିତ ହୋଇଥିଲା। ପରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରାରେ ଦୁଇଟି ସ୍ୱତନ୍ତ୍ର ଡାକମୋହର ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ସୁରେନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ପୁରୀ ମୁଖ୍ୟ ଡାକଘର ପରିସରରେ ଉନ୍ମୋଚନ କରାଯାଇଥିଲା। ଡାକମୋହର ଉନ୍ମୋଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଉନ୍ମୋଚିତ ଡାକମୋହରରେ ନେତ୍ରୋତ୍ସବ, ରଥଯାତ୍ରା, ବାହୁଡ଼ାଯାତ୍ରା ଓ ନୀଳାଦ୍ରି ବିଜେ ବୋଲି ଉଲ୍ଲେଖ ରହିଛି।

## ୪ ସେକ୍ଟରରେ ସମୁଦ୍ର ସ୍ନାନ ମନା

**ପୁରୀ ଅଫିସ,୧୨।୭**

ପୁରୀ ସମୁଦ୍ରରେ ଓସେନ କରେଣ୍ଟର ମାତ୍ରା ବଢ଼ିବାରେ ଲାଗିଛି। କିଛି ସ୍ଥାନରେ କରେଣ୍ଟର ମାତ୍ରା ଏତେ ରହୁଛି ଯେ, ଲୋକେ ସମୁଦ୍ରଠାରୁ ଢେର ଦୂରତାରେ ଥିଲେ ମଧ ପାଣି ମଧ୍ୟକୁ ଟାଣି ହୋଇଯାଉଛନ୍ତି। ମଙ୍ଗଳବାର ଅଗ୍ନିଶମ ବାହିନୀ ପକ୍ଷରୁ ପୁରୀ ସମୁଦ୍ରର ୧, ୩, ୯ ଓ ୧୨ ନମ୍ବର ସେକ୍ଟରକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି। ଏହି ସେକ୍ଟର ଅଧୀନରେ ପୁରୀ ହୋଟେଲଠାରୁ ଶୁଭ ପ୍ୟାଲେସ ସଂଲଗ୍ନ ବେଳାଭୂମିର ଅନେକ ସ୍ଥାନ ଆସୁଛି। ଏଠାରେ ସମୁଦ୍ର ସ୍ନାନକୁ ବାରଣ କରାଯିବା ସହ ଦଉଡ଼ି ବନ୍ଧାଯାଇଛି। ଦଉଡ଼ିକୁ ଅତିକ୍ରମ କରି ପର୍ଯ୍ୟଟକ ଆଗକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି।

ଯାଜପୁରର ନିଖୋଜ ନାବାଳକ ଆୟୁଷ ଜେନାଙ୍କ ଏପର୍ଯ୍ୟନ୍ତ ପତ୍ତା ମିଳି ନ ଥିବା ବେଳେ ମଙ୍ଗଳବାର ପର୍ଯ୍ୟଟକ ସଞ୍ଜିତ ମୁର୍ମୁ ଅଳ୍ପକେ ମରଣ ମୁହଁରୁ ବର୍ତ୍ତିଯାଇଛନ୍ତି।


ସମୁଦ୍ର କୂଳରେ ନାଲି ପତାକା ଲଗାଯିବା ସହ ଦଉଡ଼ି ବନ୍ଧାଯାଇଛି।

ସଞ୍ଜିତ ସମୁଦ୍ରରେ ଗାଧୋଉଥିବା ବେଳେ ଭାସିଯାଇଥିଲେ। ଲାଇଫଗାର୍ଡମାନେ ବହୁ କଷ୍ଟ କରି ତାଙ୍କୁ ଉଦ୍ଧାର କରିଥିଲେ। ସେ ଚେତାଶୂନ୍ୟ ଥିବାରୁ ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଲାଇଫଗାର୍ଡଙ୍କ ବାରଣ ସତ୍ତ୍ୱେ ପର୍ଯ୍ୟଟକମାନେ ସମୁଦ୍ର ଭିତରକୁ ଯାଉଛନ୍ତି। ପୁରୀ ସମୁଦ୍ରରେ ଓସେନ କରେଣ୍ଟ ମାତ୍ରା ଏତେ ତୀବ୍ର ହେବା ପୂର୍ବରୁ ଖୁବ୍ କମ୍ ନଜରକୁ ଆସିଛି। ଏଣୁ ପର୍ଯ୍ୟଟକଙ୍କୁ ଏ ସମ୍ପର୍କରେ ବୁଝାଇ ସମୁଦ୍ର ଭିତରକୁ ନ ଯିବା ପାଇଁ ସଚେତନ କରୁଛୁ ବୋଲି ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରେଡ୍ ଜୋନ୍ କରାଯାଇଥିବା ବେଳାଭୂମି ସେକ୍ଟରଗୁଡ଼ିକରେ ନାଲିପତାକା ଲଗାଯାଇଛି। ସମ୍ପୃକ୍ତ ଜୋନ୍‌ରେ ପର୍ଯ୍ୟଟକଙ୍କୁ ଗାଧୋଇବାକୁ ବାରଣ କରାଯାଉଛି ବୋଲି ଲାଇଫଗାର୍ଡ କହିଛନ୍ତି। ପର୍ଯ୍ୟଟକ ବିକାଶ ସାଥୁଆ କହିଛନ୍ତି, ଏଠାରେ ଗାଧୋଇବାକୁ ଆସିଥିଲୁ। ମାତ୍ର ଲାଇଫଗାର୍ଡମାନେ ମନା କଲେ। ତାଙ୍କ କଥା ମାନି ଫେରିଯାଉଛୁ। ରେଡ୍ ଜୋନ ମଧ୍ୟରେ ଗାଧୋଇବୁ ନାହିଁ। ସେହିଭଳି ପୁରୀର ବିସ୍ତୃତ ବେଳାଭୂମିରେ ଲାଇଫଗାର୍ଡ ମୁତୟନଙ୍କ ସଂଖ୍ୟା ବହୁ କମ୍। ପର୍ଯ୍ୟଟକମାନେ ବିଭିନ୍ନ ସ୍ଥାନରେ ଗାଧୋଉଛନ୍ତି। ସମ୍ପୃକ୍ତ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇ ସେଠାରେ ଲାଇଫଗାର୍ଡ ମୁତୟନ କରାଯିବା ଦରକାର ବୋଲି ପୁରୀ ସହରବାସୀ ମତ ଦେଇଛନ୍ତି।

**ଦଉଡ଼ି ବନ୍ଧାଗଲା, ନାଲିପତାକା ଲାଗିଲା**

- ୧, ୩, ୯, ୧୨ ନମ୍ବର ସେକ୍ଟର ବେଳାଭୂମି ରେଡ୍ ଜୋନ୍
- ନିଖୋଜ ଆୟୁଷଙ୍କ ପତ୍ତା ମିଳିନି, ଆଉ ଜଣେ ମୃତ୍ୟୁମୁଖରୁ ବର୍ତ୍ତିଲେ

## ଏସ୍‌ଟି, ଏସ୍‌ସି କର୍ମଚାରୀଙ୍କ ପଦୋନ୍ନତି ନେଇ ଆଲୋଚନା

ଭୁବନେଶ୍ୱର,୧୨।୭(ବ୍ୟୁରୋ): ଏସ୍‌ସି ଓ ଏସ୍‌ଟି କଲ୍ୟାଣ ସମନ୍ୱୟ ସଚିବାଳୟ ଶାଖା ପକ୍ଷରୁ ୨୯ତମ ସାଧାରଣ ବୈଠକ କସ୍ତୁରବା ନାରୀ ମହଲଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲୋକସେବା ଭବନରେ କାର୍ଯ୍ୟରତ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀଙ୍କ ପଦୋନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୧୮ ଡିସେମ୍ବର ୨୦ରେ ଗୃହ ବିଭାଗ କର୍ମଚାରୀଙ୍କୁ ପଦୋନ୍ନତି ଦେଇଥିଲେ ମଧ ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ଆଗାମୀ ଦିନରେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଶ୍ୱେତପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ସଭାପତି ଅନନ୍ତ କିଶୋର ମାଝି, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମଲ୍ଲିକ, ଉପସଭାପତି ଅମ୍ରିତ ଲାଲ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମ୍ୟୁଜିକ ସିଜଲର୍ସ ପକ୍ଷରୁ ମେଘ ଉତ୍ସବ

ଭୁବନେଶ୍ୱର,୧୨।୭(ବ୍ୟୁରୋ): ଲଗେଜ୍ ବିକ୍ରୟ ଷ୍ଟୋର ଲଗେଜ୍ ଆଣ୍ଡ୍ ମୋର୍ ପକ୍ଷରୁ ଲକି ଡ୍ର ଏବଂ ମ୍ୟୁଜିକ୍ ସିଜଲର୍ସ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ମଙ୍ଗଳବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ଦ୍ଦେଶକ ଇଞ୍ଜିନିୟର ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ଲକି ଡ୍ର ମାଧମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ୧୦ଗୋଟି ସାନ୍ତ୍ୱନାମୂଳକ ସମେତ ୨ଟି ତତ୍‌କାଳ ପୁରସ୍କାର ମଧ ଗ୍ରାହକମାନଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ସିନେକ୍ରିଟିକ୍ ଆସୋସିଏସନ୍‌ର ସମ୍ପାଦକ ଦିଲୀପ ହାଲି, ଓଡ଼ିଶା ରାଜ୍ୟ ତାଳଗଡ଼ ସମବାୟ ସଂଘ ଲିମିଟେଡ୍‌ର ଏମ୍‌ଡି ଚିଦାନନ୍ଦ ମିଶ୍ର ଏବଂ ଲୋଟସ୍ ମିନ୍‌ଟ ୱେଲ୍‌ଥ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ବିଭୂତିଭୂଷଣ ଦାଶ ଶୁଭାରମ୍ଭ କରିଥିଲେ। ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ସୀମା ମହାନ୍ତି, ପୁଷ୍ପା, ଅରୁଣିମା, ସୀମା ଚକ୍ରବର୍ତ୍ତୀ, ନୀହାରିକା, ପ୍ରଭାତ, ସମୀର, ନିଲତ୍, କୈଳାସ, ସିଦ୍ଧାନ୍ତ ଓ ଅନ୍ୟ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କେରିଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ଘୋଷକ କୁମାର ଗୌରବ ପଣ୍ଡା। ଶୁଭଦର୍ଶିନୀ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଧନେଶ୍ୱର, ଶିବା ଏବଂ ସୁରେଶ ସହଯୋଗିତା କରିଥିଲେ।

### ରାଜଧାନୀରେ ପାଳନ ହେବ ରାଜ୍ୟସ୍ତରୀୟ ଗହ୍ମା ପର୍ବ

ଭୁବନେଶ୍ୱର,୧୨।୭(ବ୍ୟୁରୋ): ନିଖିଳ ଉତ୍କଳ ପାଟରା ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଗହ୍ମା ପର୍ବ ଅଗଷ୍ଟ ୧୪ରେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ବର୍ଷ କଟକ ଓ ଭୁବନେଶ୍ୱର ଦ୍ୱୈତ ନଗରୀର ପାଟରା ଗୋସେଇଁମାନଙ୍କ ପକ୍ଷରୁ ଏହା ଏକ ଦିନିକିଆ ପର୍ବ ଭାବେ ପାଳିତ ହେବ। ପର୍ବରେ ପାଟରା ଜାତିର ଇଷ୍ଟ ପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ମା’ ସୁଭଦ୍ରାଙ୍କର କୌଳିକ ରୀତିନୀତି ଅନୁଯାୟୀ ପ୍ରତୀକାତ୍ମକ ପୂଜା ଉପାସନା କରାଯିବା ସହିତ ପାରମ୍ପରିକ ନୈବେଦ୍ୟ ଅର୍ପଣ କରାଯିବ। ନୈବେଦ୍ୟ ଲାଗୁଥିବା ପାରମ୍ପରିକ ପିଠା ସହିତ ବିବିଧ ବ୍ୟଞ୍ଜନର ପ୍ରଦର୍ଶନୀ ଆୟୋଜନ କରି ଓଡ଼ିଶାର ବିବିଧ ଖାଦ୍ୟ ସଂସ୍କୃତି ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ପ୍ରଭୁ ବଳଭଦ୍ର କୃଷି ସଂସ୍କୃତିର ପ୍ରତୀକ ହୋଇଥିବାରୁ ତାଙ୍କ ଜୟନ୍ତୀ ଅବସରରେ ଓଡ଼ିଶାର କୃଷି ଓ ଗୋପାଳନ ଦୁଇ ଆର୍ଥନୀତିକ ସଂସ୍କୃତି ଜରିଆରେ ସମଗ୍ର ଓଡ଼ିଆ ଜାତିକୁ ଆତ୍ମନିର୍ଭର ତଥା ନିରାମୟ କରାଯିବାର ଉପାୟ ସମ୍ପର୍କରେ ଆଲୋଚନା କରାଯିବାକୁ ମଧ ସ୍ଥିର ହୋଇଛି। ଏହି ପର୍ବ ପାଳନ ନିମନ୍ତେ ମହାସଭାର ସଭାପତି ଡ. ରୁଦ୍ର ନାରାୟଣ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ନାଥ ଖୁଣ୍ଟିଆ, ଉପସଭାପତି ମନୋଜ ସାହୁ, ରବୀନ୍ଦ୍ରନାଥ ସେନାପତି, ଉପଦେଷ୍ଟା ନାରାୟଣ ପାତ୍ର, ସାଧାରଣ ସମ୍ପାଦକ ସଞ୍ଜୟ ପାତ୍ର, ଶରତ ପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଭୁବନେଶ୍ୱରର ପାଟରା ଗୋସେଇଁଙ୍କ ସହିତ ପ୍ରାଥମିକ ଆଲୋଚନା ସମାପନ କରିଛନ୍ତି। ଖବରଦାତା ପ୍ରଦୀପ ସାହୁ, ମହେଶ୍ୱର ସାହୁ, ଦେବେନ୍ଦ୍ର ପୃଷ୍ଟି ପ୍ରମୁଖ ପର୍ବ ଆୟୋଜନରେ ସହଭାଗୀ ଓ ସହଯୋଗୀ ହେବାକୁ ସମ୍ମତି ଦେଇଛନ୍ତି। ଏହି ପର୍ବ ସମ୍ପର୍କରେ ସ୍ୱତନ୍ତ୍ର ପ୍ରସ୍ତାବ ଓ ପରାମର୍ଶ ଦେବାକୁ ପାଟରା ମୁନୀବ ଓ ଚକଲାସ୍ତରୀୟ କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରାଯାଇଛି।

# ମାଟିରେ ମିଶିଲା ନିଶା ମାଫିଆ ପାକାଙ୍କ ଘର

ଭୁବନେଶ୍ୱର/ବାରଙ୍ଗ,୧୨।୭ (ବ୍ୟୁରୋ)



- ବିଡିଏ ସହାୟତାରେ କମିଶନରେଟ ପୋଲିସର କାର୍ଯ୍ୟାନୁଷ୍ଠାନ
- ଜେଲରୁ ଜାମିନରେ ଆସି ନିଶା କାରବାର ସହ ଅପରାଧ ଘଟାଉଥିଲେ

ନିଶା ମାଫିଆ ପାକା ଓରଫ କୃଷ୍ଣଚନ୍ଦ୍ର ନାଥ (୨୭)ଙ୍କ ଘର ମାଟିରେ ମିଶିଛି। ପାକା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗସ୍ଥିତ ଇଞ୍ଜଣା ଅଞ୍ଚଳରେ ସରକାରୀ ଜାଗାକୁ ଜବରଦଖଲ କରି ୧୬୦୦ ବର୍ଗଫୁଟରେ ୪ ବଖରା ଛାତ ଘର କରି ଆପରାଧିକ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଉକ୍ତ ବେଆଇନ ଘରକୁ ମଙ୍ଗଳବାର ମଧ୍ୟାହ୍ନରେ ବିଡିଏ ସହାୟତାରେ କମିଶନରେଟ ପୋଲିସ ବୁଲ୍ ଡୋଜର୍ ଦ୍ୱାରା ଭାଙ୍ଗି ଦେଇଛି। ବ୍ରାଉନସୁଗାର କାରବାର ମାମଲାରେ ପାକା ଗିରଫ ହୋଇ ଏବେ ଝାରପଡ଼ା ଜେଲ୍‌ରେ ଅଛନ୍ତି। ଏହାପୂର୍ବରୁ ସେ ଅନେକଥର ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଆସି ପୁଣି ନିଶା କାରବାର, ହତ୍ୟା ଉଦ୍ୟମ ଆଦି ଅପରାଧ ଘଟାଉଥିଲେ। ତେଣୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନାନୁସାରେ, ପାକାଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ୪ଟି, ଇନ୍‌ଫୋସିଟିରେ ୨ ଓ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ମାମଲା ରହିଛି। ରାଜଧାନୀରେ ବ୍ରାଉନସୁଗାର, ଗଞ୍ଜେଇ ବେପାର କରି ସେ ଅର୍ଥ ଠୁଳ କରିଛନ୍ତି। ଗତ ମେ’ ୨୨ରେ ହାଇଟେକ୍ ଛକରେ ବ୍ରାଉନସୁଗାର ବିକ୍ରିବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୧୦ଗ୍ରାମ ବ୍ରାଉନସୁଗାର, ନଗଦ ୨୩ହଜାର ୩୮୦ଟଙ୍କା ଓ ଦୁଇଟି ମୋବାଇଲ ଫୋନ୍ ଜବତ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୧୬୫/୨୨)ରୁଜୁ କରି ପାକାଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ଉଚ୍ଛେଦ ପ୍ରକ୍ରିୟାରେ ବିଡିଏ ଅଧିକାରୀଙ୍କ ସମେତ ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଉଚ୍ଛେଦ କାର୍ଯ୍ୟରେ ୨ଟି ବୁଲ୍‌ଡୋଜର ସାମିଲ ଥିଲା। ଆଗାମୀ ଦିନରେ ଅପରାଧୀଙ୍କ ଉପରେ ବି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ସ୍କୁଲରେ ଟିକାକରଣକୁ ତ୍ୱରାନ୍ୱିତ କରିବ ବିଏମ୍‌ସି

ଭୁବନେଶ୍ୱର, ୧୨।୭(ବ୍ୟୁରୋ)

ରାଜଧାନୀରେ ଏବେ କରୋନା ସଂକ୍ରମଣ ବଢୁଥିବାରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପୁଣି କଟକଣା ଲାଗୁ କରିଛି। ଏଥିସହ ସଂକ୍ରମଣ ରୋକିବାକୁ ଟିକାକରଣକୁ ଗୁରୁତ୍ୱ ଦେଉଛି। ବିଶେଷକରି ୧୨ରୁ ୧୪ବର୍ଷ ବୟସର ପିଲାଙ୍କୁ ସମ୍ପୂର୍ଣ୍ଣ ଟିକାକରଣ ପାଇଁ ଅଣ୍ଟା ଭିଡ଼ିଛି। ଏଥିପାଇଁ ସ୍କୁଲରେ ଟିକାକରଣକୁ ତ୍ୱରାନ୍ୱିତ କରିବ ବିଏମ୍‌ସି। ଏନେଇ ମଙ୍ଗଳବାର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ୭୦ଟି ସରକାରୀ ଓ ଘରୋଇ ସ୍କୁଲର ପ୍ରତିନିଧି ଯୋଗଦେଇଥିଲେ। ସ୍କୁଲରେ ଟିକାକରଣର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା।

ତେବେ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସ୍କୁଲ ଅଧକ୍ଷମାନେ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ବିଏମ୍‌ସିକୁ ଉତ୍ସର୍ଗୀକୃତ ପୋର୍ଟାଲରେ ଟିକାକରଣର ତଥ୍ୟ ଅପ୍‌ଲୋଡ୍ କରିବେ। ବିଇଓଙ୍କ ପାଖରୁ ତଥ୍ୟ ମିଳିବା ପରେ ତାହାକୁ ଭିତ୍ତିକରି ସ୍ୱାସ୍ଥ୍ୟ ବିଭାଗ କିମ୍ବା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଟିକାକରଣ କ୍ୟାମ୍ପ ପାଇଁ ବ୍ୟବସ୍ଥା କରାଯିବ। ସ୍କୁଲ ପ୍ରତିନିଧିମାନେ ଅଭିଭାବକଙ୍କୁ ଏ ନେଇ ସୂଚନା ଦେବା ସହିତ ପିଲାଙ୍କୁ ଟିକା ଦେବା ପାଇଁ ସଚେତନ କରିବାକୁ କୁହାଯାଇଛି। ୩ ଦିନ ଭିତରେ ସ୍କୁଲଗୁଡ଼ିକ ତଥ୍ୟ ପ୍ରଦାନ କରିବେ ଏବଂ ସେହି ଆଧାରରେ ଟିକାକରଣ କ୍ୟାମ୍ପ ପରିଚାଳନା କରାଯିବ ବୋଲି ଅତିରିକ୍ତ କମିଶନର କହିଛନ୍ତି। ବିଏମ୍‌ସିର ଡେପୁଟି କମିଶନର (ସ୍ୱାସ୍ଥ୍ୟ ଓ ସାନିଟେଶନ) ଶୁଭେନ୍ଦୁ କୁମାର ସାହୁ ବୈଠକ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର ଓ ସିଟି ହେଲ୍‌ଥ ମ୍ୟାନେଜର ନେହା ରାଜପୁତ ସହରରେ ଟିକାକରଣର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।

# ଓଡ଼ିଶା ଗସ୍ତରେ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ଏସିଆ ପାସିଫିକ୍ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୨।୭(ବ୍ୟୁରୋ)



କାର୍ଯ୍ୟକ୍ରମରେ ଜେ.ଆର୍.ସି. ପାଙ୍ଗିଲିନାନ୍ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ଚାଇଲ୍ଡ ଏଜୁକେଶନ, କ୍ଲିନ୍ ଇଣ୍ଡିଆ, ଫିଟ୍ ଇଣ୍ଡିଆ ଭଳି ପ୍ରକଳ୍ପ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟକାରୀ ହେଉଛି। ଏସବୁ ପ୍ରକଳ୍ପ ଅନୁଧ୍ୟାନ ପାଇଁ ପ୍ରଥମଥର ଏସିଆ ପାସିଫିକ୍ ରିଜିଅନ ଫିଲିପାଇନ୍ସରୁ ୬ ଜଣିଆ ଉଚ୍ଚ ପଦାଧିକାରୀ ଦଳ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଦଳରେ ଆଞ୍ଚଳିକ ନିର୍ଦ୍ଦେଶକ ଜେ.ଆର୍.ସି. ପାଙ୍ଗିଲିନାନ୍, ଶିକ୍ଷା ପ୍ରଣାଳୀ ନିର୍ଦ୍ଦେଶକ ସିଡ୍ କାଷ୍ଟିଲୋ, ପ୍ରକଳ୍ପ ଅଧିକାରୀ ଲାନ୍ସ ପାପା ଇଭର୍ସନ, ବନ ଅଧିକାରୀ ଆର୍ଯ୍ୟ ଫ୍ରାନ୍ସିସ୍କୋ କାମେରୋଷ, ପ୍ରବନ୍ଧକ ବ୍ୟାଟ୍ରେରିଜ୍ କାନେଡିସ୍ ଏବଂ ଏନ୍.ଏସ୍.ଓ କୋଅର୍ଡିନେଟର ତଥା ଅତିରିକ୍ତ ଅନ୍ତର୍ଜାତୀୟ କମିଶନର ମଧୁସୂଦନ ଆଭାଲା ଅଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ସେମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ସ୍କାଉଟିଂର ସଫଳତା ସହିତ ଏହି ପରିଦର୍ଶନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଉକ୍ତ ପ୍ରତିନିଧି ମଣ୍ଡଳୀ ଏସିଆ ପାସିଫିକ୍ ଅଞ୍ଚଳରେ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ଯୁଦ୍ଧଖୋର ପୃଥିବୀରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ କାମ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ସଭାପତି ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓଡ଼ିଶା ସ୍କାଉଟ୍ସର କାର୍ଯ୍ୟକ୍ରମ ବିଶ୍ୱସ୍ତରରେ ପ୍ରଶଂସିତ ହେଉଥିବାରୁ ଓ ନିଜେ ଜଣେ ସ୍କାଉଟ୍ ବୋଲି କହି ଖୁସିବ୍ୟକ୍ତ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ପାଙ୍ଗିଲିନାନ୍ ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟ ବୋଲି କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଶୟନ ଗଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୧୨।୭(ଡି.ଏନ୍.ଏ.)

ଆଷାଢ଼ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ମଙ୍ଗଳବାର ଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜ ୪ ମାସ ପାଇଁ ଶୟନ ଯାଇଛନ୍ତି। ଦୈନିକ ନୀତି ସରିବା ପରେ ଭଣ୍ଡାର ଘରେ ରଖାଯାଇଥିବା ଶୟନ ମୂର୍ତ୍ତିକୁ ରୁପା ଥାଳିରେ ଅଣାଯାଇ ଶ୍ରୀଜୀଉଙ୍କ ସମ୍ମୁଖରେ ଅବସ୍ଥାନ କରାଯାଇଥିଲା। ପରେ ମହାସ୍ନାନ ପୂଜା କରାଯାଇ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ଶ୍ରୀଜୀଉ ଏବଂ ଶୟନ ଠାକୁରଙ୍କୁ ମାଘସ୍ନାନ ଲାଗି କରାଇଥିଲେ। ଏହା ପରେ ପାଳିଆ ବଢୁ ସେବକ ଶ୍ରୀଜୀଉଙ୍କୁ ସ୍ନାନ କରି ବେଶ କରିଥିଲେ। ସେହିପରି ପତ୍ରୀ ସେବକ ଶୟନ ଠାକୁରଙ୍କୁ ସ୍ନାନ କରାଇ ବେଶ କରିଥିଲେ। ପୁଣି ଶୟନ ଠାକୁରଙ୍କୁ ଶ୍ରୀଜୀଉଙ୍କ ସମ୍ମୁଖରେ ରଖାଯାଇ ଷୋଡ଼ଷ ଉପଚାରରେ ପୂଜା କରାଯାଇ ଆଳତି ହୋଇଥିଲା। ପରେ ଉକ୍ତ ଶାୟିତ ଠାକୁରଙ୍କୁ ଭଣ୍ଡାର ଘରକୁ ପତ୍ରୀ ସେବକ ଆଣିଥିଲେ। ବଡ଼ସିଂହାର କରାଯାଇ ପହୁଡ଼ ପଡ଼ିଥିଲା। ସୂଚନାଥାଉ କି, ଆଜିଠାରୁ ଏକାମ୍ର କ୍ଷେତ୍ରର ସମସ୍ତ ରାଜ୍ୟଭାର ଭଣଜା ପର୍ଶୁରାମେଶ୍ୱର ମହଦେବ ସମ୍ଭାଳିବେ। ଏହି ୪ ମାସ ବ୍ରତଘର, ବିବାହ, ଗୃହ ପ୍ରତିଷ୍ଠା ଓ ଅନ୍ୟାନ୍ୟ ଶୁଭ କାର୍ଯ୍ୟ ନିଷେଧ ରହିଛି।

# ‘ଓଡ଼ିଶାର ସଂସ୍କୃତି ସହ ରସଗୋଲା ଜଡ଼ିତ’


ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଫୁଲନଖରା/ବାଲିଅନ୍ତା, ୧୨।୭(ଡି.ଏନ୍. ଏ.)

**ରସଗୋଲା ଦିବସ ପାଳିତ**

ନୀଳାଦ୍ରି ବିଜେ ଅବସରରେ ପାହାଳ ମିଠା ଉଦ୍ୟୋଗୀ ଓ ପ୍ରସ୍ତୁତକାରୀ ସମିତି ପକ୍ଷରୁ ରସଗୋଲା ଦିବସ ପାଳିତ ହୋଇଯାଇଛି। ପାହାଳ ଥାନା ଅନ୍ତର୍ଗତ ପାହାଳ ବଜାର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କୁଅଁର, ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମେୟର କହିଥିଲେ, ଓଡ଼ିଶାର ସଂସ୍କୃତି ସହ ରସଗୋଲା ଜଡ଼ିତ। ପାହାଳ ରସଗୋଲାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ କରିବେ। ପାହାଳ ରସଗୋଲା ବ୍ୟବସାୟୀମାନଙ୍କ ପାଇଁ ଏକ କ୍ଲଷ୍ଟର ହାଉସ ନିର୍ମାଣ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଅନନ୍ତପୁରଠାରେ ଦେଢ଼ ଏକର ଜାଗା ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋ ପାହାଳ ରସଗୋଲା ବ୍ୟବସାୟୀ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା, ମଦନ ମୋହନ ଦୁଗ୍ଧଜାତ ଦ୍ରବ୍ୟର ସଭାପତି ଧ୍ରୁବଚରଣ ବେହେରା, ଦିବାକର ଦାସ, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବସ୍ ଦୁର୍ଘଟଣା:ହେଲ୍‌ପର ମୃତ, ୧୫ ଯାତ୍ରୀ ଆହତ

ଖୋର୍ଦ୍ଧା ଅଫିସ,୧୨।୭:



ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବରୁଣେଇ ଓଭରବ୍ରିଜ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ ଏକ ଯାତ୍ରୀବାହୀ ବସ୍ ଭଞ୍ଜନଗର ଯାଉଥିବା ବେଳେ ଏକ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୫ଜଣ ଆହତ ହୋଇଥିବା ବେଳେ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଗବାନ ନାୟକ। ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ତେବେ ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ‘ଓମ୍ ଶାନ୍ତି’ ନାମକ ବସ୍ (ଓଆର୦୨-ବିକେ-୦୯୭୨) ପ୍ରାୟ ୫୦ଜଣ ଯାତ୍ରୀଙ୍କୁ ନେଇ ଭଞ୍ଜନଗର ଅଭିମୁଖେ ଯାଉଥିଲା। ସକାଳ ପ୍ରାୟ ୮ଟାରେ ଡ୍ରାଇଭର ନିଜ ନିୟନ୍ତ୍ରଣ ହରାଇବାରୁ ବସଟି ବରୁଣେଇ ଓଭରବ୍ରିଜ୍ ଦେଇ ଯାଉଥିବା ଏକ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ବସ୍ ଆଗ ଭାଙ୍ଗି ଚୂରମାର ହେବା ସହ ବନେଟ ଉପରେ ବସିଥିବା ହେଲପର ଭଗବାନ ଛିଟିକି ତଳେ ପଡ଼ିଯାଇଥିଲେ। ଫଳରେ ବସ୍ ଚକା ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ବସ୍‌ଟି ରାସ୍ତାପାର୍ଶ୍ୱ ବାଲିଗଦା ଉପରକୁ ମାଡ଼ିଯାଇଥିଲା। ଫଳରେ ୧୫ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନେ ହେଲେ ରଞ୍ଜିତା ରାୟ, ମୋନାଲିସା ପ୍ରଧାନ, ତିଳୋତ୍ତମା ଜେନା, ସତ୍ୟଭାମା ବିଶୋଇ, ସୁନୀଲ ପ୍ରଧାନ, ରୋହିତ ନାୟକ, ମହନ୍ତି ବେହେରା, ସାଗରିକା ମହାରଣା, ଭାନୁମତି ପାଇକରାୟ, ବୈକୁଣ୍ଠନାଥ ବିହାରୀ, କାହ୍ନୁ ପ୍ରମୁଖ ରହିଥିବା ବେଳେ ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ଶିଳ୍ପାଞ୍ଚଳ ଓ ରାଜପଥ ପାଟ୍ରୋଲିଂ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଦ୍ରୁତ ଗାଡ଼ିଚାଳନା ଯୋଗୁ ଏହି ଦୁର୍ଘଟଣା ହେଲା ବୋଲି କେତେଜଣ ବସ୍‌ଯାତ୍ରୀ କହିଛନ୍ତି। ସୂଚନାଥାଉ କି, ଗତ ୩ ତାରିଖରେ କଟକ ଜିଲା ବାଙ୍କୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଖୋର୍ଦ୍ଧାର ବାଘମାରୀ-ସିମୋର ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସିପଡ଼ିଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ଆହତ ହୋଇଥିଲେ।

# ପାଠାଗାର ଆନ୍ଦୋଳନର ସାରଥି ଥିଲେ ଦାସିଆ ଅଜା

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ମହାପ୍ରଭୁ ଜଗନ୍ନାଥଙ୍କ ନୀଳାଦ୍ରିବିଜେ ଏବଂ ଓଡ଼ିଶାର ପାଠାଗାର ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ ସାରଥି ଦାଶରଥି ପଟ୍ଟନାୟକଙ୍କ ୧୦୫ ତମ ଜୟନ୍ତୀ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବକ୍ତାମାନେ ଜଗନ୍ନାଥଙ୍କ ଚେତନା ସମ୍ପର୍କରେ ଆଲୋକପାତ କରିବା ସହିତ ରାଜ୍ୟରେ ପାଠାଗାର ଆନ୍ଦୋଳନ କ୍ଷେତ୍ରରେ ଦାସିଆ ଅଜା ଭାବେ ପରିଚିତ ଦାଶରଥିଙ୍କ ଭୂମିକା ସମ୍ପର୍କରେ କହିଥିଲେ। ସେ ଏକକ ଉଦ୍ୟମରେ ନୟାଗଡ଼ ଜିଲାର ନୂଆଗାଁ ଅଞ୍ଚଳରେ ଏକ ପାଠାଗାର ସ୍ଥାପନ ସହ ସଂଗ୍ରହାଳୟ ପ୍ରତିଷ୍ଠା ସହିତ ସାହିତ୍ୟ ସଂସଦ ଗଠନ କରିଥିଲେ। ଦଶ ପଇସା ଚାନ୍ଦା ଆଦାୟ କରି ରାଜ୍ୟର ପୁରପଲ୍ଲୀରୁ ବିଭିନ୍ନ ପୁସ୍ତକ ଓ ସାମଗ୍ରୀ ସଂଗ୍ରହ କରି ତାହାକୁ ଉତ୍ତରପିଢ଼ିର ଗବେଷକଙ୍କ ପାଇଁ ରଖି ଯାଇଛନ୍ତି। ଏହା ତାଙ୍କୁ ଚିର ସ୍ମରଣୀୟ କରି ରଖିଛି ବୋଲି ବକ୍ତାମାନେ ମତ ଦେଇଥିଲେ। ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ତଥା ଗବେଷକ ମାନବେନ୍ଦ୍ର ମିଶ୍ରଙ୍କ ସମେତ ଗ୍ରନ୍ଥାଗାରିକ, କର୍ମଚାରୀ ଓ ପାଠକମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିସହ ନୀଳାଦ୍ରିବିଜେକୁ ରସଗୋଲା ଦିବସ ଭାବେ ପାଳନ କରାଯାଇଥିଲା।

# ଆନ୍ଧ୍ରକୁ ଗଲା ‘ଉତ୍କଳ ପ୍ରସଙ୍ଗ’ର ରଥଯାତ୍ରା ସଂଖ୍ୟା

ଭୁବନେଶ୍ୱର, ୧୨।୭(ବ୍ୟୁରୋ)



ଓଡ଼ିଶା ରାଜ୍ୟର ସୀମାବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ସହ ଅଧିକ ସମ୍ପୃକ୍ତ କରାଇବା ଏବଂ ସେମାନଙ୍କ ସହ ଓଡ଼ିଶାବାସୀଙ୍କ ଭାବଗତ ସମ୍ପର୍କକୁ ମଜଭୁତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶିତ ‘ଉତ୍କଳ ପ୍ରସଙ୍ଗ’ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟାକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ମଞ୍ଜୁଷା, ଟିକାଲି, ଇଚ୍ଛାପୁରମ୍ ଏବଂ ବିଶାଖାପାଟଣାରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କ ନିମନ୍ତେ ପ୍ରେରଣ କରାଯାଇଛି। ମଙ୍ଗଳବାର ଏହାକୁ ନେଇ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଥିବା ଏକ ସ୍ୱତନ୍ତ୍ର ଯାନକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ‘ଉତ୍କଳ ପ୍ରସଙ୍ଗ’ ଏବଂ ‘ଓଡ଼ିଶା ରିଭ୍ୟୁ’ର ସମ୍ପାଦକ ଡ. ଲେନିନ୍ ମହାନ୍ତି ପ୍ରମୁଖ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ବିଭାଗର ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରାରେ ବିଭାଗ ତରଫରୁ ଦୁଇଜଣ ସ୍ୱତନ୍ତ୍ର ଅଧିକାରୀ ଦେବାଶିଷ ପଟ୍ଟନାୟକ ଓ ସୌରଭ ପ୍ରଧାନ ଗସ୍ତ କରିଛନ୍ତି। ସେମାନେ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ସଂଗଠନର କର୍ମକର୍ତ୍ତାଙ୍କୁ ସାକ୍ଷାତ କରି ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ବଣ୍ଟନ କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଭାବ ବିନିମୟ କରିବେ। ଲେନିନ୍ ମହାନ୍ତିଙ୍କ ସମ୍ପାଦନାରେ ଚଳିତବର୍ଷ ରଥଯାତ୍ରା ‘ଉତ୍କଳ ପ୍ରସଙ୍ଗ’ ଏବଂ ‘ଓଡ଼ିଶା ରିଭ୍ୟୁ’ ସ୍ୱତନ୍ତ୍ର ସଂଖ୍ୟାରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ପରମ୍ପରା ସମ୍ବନ୍ଧୀୟ ସ୍ୱନାମଧନ୍ୟ ଲେଖକ ଓ ଗବେଷକଙ୍କ ବହୁ ଉଚ୍ଚକୋଟୀର ଲେଖାମାନ ପ୍ରକାଶ ପାଇଛି।

# ଆଞ୍ଚଳିକ ଭାଷା ମଧ୍ୟରେ ଯୋଗାଯୋଗ ସୁଦୃଢ଼ ହେବ

ଭୁବନେଶ୍ୱର,୧୨।୭(ବ୍ୟୁରୋ)




**ଓଡ଼ିଆ-କନ୍ନଡ଼ ଭକ୍ତି ସାହିତ୍ୟର ଜାତୀୟ ସ୍ତରୀୟ ଅନୁବାଦ କର୍ମଶାଳା**

ଓଡ଼ିଶା ସାହିତ୍ୟ ଏକାଡେମୀ, କର୍ଣ୍ଣାଟକ ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁର ପକ୍ଷରୁ ଓଡ଼ିଆ-କନ୍ନଡ଼ ଭକ୍ତି ସାହିତ୍ୟର ଜାତୀୟ ଅନୁବାଦ କର୍ମଶାଳା ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେଉଛି। କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉଦ୍‌ଘାଟନ କରି କହିଲେ, ଜାତୀୟସ୍ତରର ଏହି ଅନୁବାଦ କର୍ମଶାଳା ଆୟୋଜନ ଏକ ଅଭିନବ ଉଦ୍ୟମ। ଏହାଦ୍ୱାରା ଭାରତର ଆଞ୍ଚଳିକ ଭାଷା ମଧ୍ୟରେ ଯୋଗାଯୋଗ ସୁଦୃଢ଼ ହେବା ସହିତ ଜାତୀୟ ସ୍ତରରେ ଆଞ୍ଚଳିକ ଭାଷା ସାହିତ୍ୟର ପ୍ରତିଷ୍ଠା ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, କର୍ଣ୍ଣାଟକ ସାହିତ୍ୟ ଏକାଡେମୀର ସଭାପତି ଡ. ବି.ଭି. ବସନ୍ତ କୁମାର ଯୋଗ ଦେଇ ଅନୁବାଦର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଇଂଲିଶ ମାଧ୍ୟମ ଭାଷାରେ ଓଡ଼ିଆରୁ କନ୍ନଡ଼ ଓ କନ୍ନଡ଼ରୁ ଓଡ଼ିଆକୁ ଅନୂଦିତ ଉଭୟ ଭାଷାର ଭକ୍ତି ସାହିତ୍ୟକୁ ଦୁଇ ଏକାଡେମୀ ପ୍ରକାଶ କରିବେ। ପ୍ରତ୍ୟେକ ପାଣ୍ଡୁଲିପି ୧୫୦ ପୃଷ୍ଠା ବିଶିଷ୍ଟ ହେବ ବୋଲି ସୂଚନା ଦିଆଯାଇଛି। ୧୫ ତାରିଖ ଯାଏ ଚାଲିବାକୁ ଥିବା ଏହି କର୍ମଶାଳାରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିନିଧି ଭାବେ ପ୍ରଫେସର କାଳିନ୍ଦୀ ମିଶ୍ର, ପ୍ରଫେସର ଗୁରୁଚରଣ ବେହେରା, ପ୍ରଫେସର ମ୍ୟାରୀ ମହାନ୍ତି ଓ ଡ. ଶୈଳେନ୍ ରାଉତରାୟ ଏବଂ କର୍ଣ୍ଣାଟକ ସାହିତ୍ୟ ଏକାଡେମୀ ପ୍ରତିନିଧି ଭାବେ ଡ. ମହାଦେବ ସଙ୍କନାପୁରା, ମଧୁରାଣୀ ଏଚ୍.ଏସ୍, ଡ. ବିକ୍ରମ ବିଶାଜୀ ଓ ଛାୟା ଭଗବତୀ ଯୋଗଦେଇଛନ୍ତି। ବିଶ୍ୱବିଦ୍ୟାଳୟର କୁଳସଙ୍ଗୀତ ‘ବିଶ୍ୱଦେଖ ମଧୁମୟ’ର ପରିବେଷଣ ପରେ ଭୀମଭୋଇ ଚେୟାରର ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ପ୍ରାରମ୍ଭିକ ସୂଚନା, କର୍ମଶାଳାର ନିର୍ଦ୍ଦେଶକ ପ୍ରଫେସର ଏଚ୍.ଏସ୍. ଶିବପ୍ରକାଶ ଭିତ୍ତିପ୍ରବନ୍ଧ ପାଠ ଓ କୁଳସଚିବ ଯୁଗଳେଶ୍ୱରୀ ଦାଶ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୭।୨୦୨୨

| | |
|---|---|
| ୨,୪୧,୨୫୧ ଟଙ୍କା | |
| ସୁନା | ୨.୩୦୦ ଗ୍ରାମ |
| ରୁପା | ୩୫ ଗ୍ରାମ |

## ସଂକ୍ଷେପରେ

### କୁଣ୍ଢେଇ ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ନାୟକ



ଅସ୍ତରଙ୍ଗ,୧୨।୭(ଡି.ଏନ୍.ଏ.)- କାକଟପୁର ବ୍ଲକ କୁଣ୍ଢେଇ ସମବାୟ ସମିତିରେ ୧୫ଟି ଜୋନ ରହିଥିବା ବେଳେ ଏଥର ୧୨ଟି ଜୋନରେ ନିର୍ବାଚନ ହୋଇଥିଲା। ସେଥିମଧ୍ୟରୁ ଅଧିକାଂଶ ପ୍ରାର୍ଥୀ କୁଣ୍ଢେଇ ବିକାଶ ମଞ୍ଚରୁ ବିଜୟୀ ହୋଇଥିଲେ। ୧୨ଟି ଜୋନର ପ୍ରାର୍ଥୀଙ୍କୁ ନେଇ ସଭାପତି ନିର୍ବାଚନ ହୋଇଥିବା ବେଳେ ପ୍ରଫୁଲ୍ଲ କୁମାର ନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାଞ୍ଛାନିଧି ସାହୁଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷେ କୁଣ୍ଢେଇ ସମବାୟ ସମିତି ନିର୍ବାଚନରେ ବିକାଶ ମଞ୍ଚର ସରପଞ୍ଚ ପ୍ରଭାତୀ ରାଉତ, ସମିତିସଭ୍ୟ ପ୍ରମୋଦ କିଶୋର ଦାସ ଓ ଶିକ୍ଷାବିତ ବିପିନ ସାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିର୍ବାଚନ ହୋଇଥିଲା। ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରାଯାଇ ଧାନ ମଣ୍ଡିରେ ସ୍ୱଚ୍ଛତା ଅଣାଯିବ ଓ ସେବା ସମବାୟ ସମିତିର ଘର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ନୂତନ ଗୃହ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି ରଖାଯିବ ବୋଲି ସଭାପତି ନାୟକ ମତ ରଖିଥିଲେ।

### ଝିପିଝିପି ବର୍ଷାରେ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି

କଣାସ,୧୨।୭(ସ୍ୱ.ପ୍ର.): ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତାଘାଟ ନିର୍ମାଣ ଉପରେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ରାସ୍ତା ଉପରୁ ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇ ନ ଥିବାରୁ କଣାସ ଗ୍ରାମଦାଣ୍ଡରେ ଝିପିଝିପି ବର୍ଷା ହେଲେ ମଧ୍ୟ ଜଳ ଜମି ରହୁଛି। ଏ ସମ୍ପର୍କରେ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କୁ ପଚାରିବାରୁ ସେ କୁହନ୍ତି, ରାସ୍ତାର ଦୁଇପାର୍ଶ୍ୱରେ ଘର ହେବା ପରେ ଗ୍ରାମର ଲୋକେ ଜଳ ନିଷ୍କାସନ ପାଇଁ ଜାଗା ଛାଡୁ ନ ଥିବାରୁ ନାଳ ଖୋଳା ହୋଇପାରୁନାହିଁ। ତହସିଲଦାରଙ୍କୁ ଜଣାଇଛି, ସେ ମାପଚୁପ କରିବା ପରେ ଜଳ ନିଷ୍କାସନ ପାଇଁ ନାଳ ଖନନ କରାଯିବ। ସେହିପରି କଣାସ ବ୍ଲକର ଅନେକ ଗ୍ରାମରେ ସରକାରୀ ରାସ୍ତା ଉପରକୁ ପରିବାର ଲୋକେ ମଡାଇ ଘର ତିଆରି କରିଥିବାରୁ ବର୍ଷାଜଳ ନିଷ୍କାସନ ନ ହୋଇପାରି ରାସ୍ତାରେ ଜମାହୋଇ ରହୁଛି।

### ସକାରାତ୍ମକ ପ୍ରୟାସ ବିକାଶର ମୂଳମନ୍ତ୍ର

କଣାସ,୧୨।୭(ସ୍ୱ.ପ୍ର.): ସକାରାତ୍ମକ ପ୍ରୟାସ ହିଁ ବିକାଶର ମୂଳମନ୍ତ୍ର। ମଙ୍ଗଳବାର କଣାସଠାରେ ପ୍ରୟାସ ପରିବାର ପକ୍ଷରୁ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ପ୍ରୟାସ ସଂଗଠନ ସଭାପତି କୃଷ୍ଣଚନ୍ଦ୍ର ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସମ୍ପାଦକ କାମାକ୍ଷାପ୍ରସାଦ ପ୍ରଧାନ ଯୋଗଦେଇ ସବୁ ପରିସ୍ଥିତିରେ ବିକାଶର ରଥ ଆଗେଇ ଚାଲିବ ବୋଲି ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବକ୍ତା ବିଭିନ୍ନ ଆଞ୍ଚଳିକ ସମସ୍ୟା ଯଥା କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ସମେତ ବିଭିନ୍ନ ଲୋକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥିସହ ସେ ସବୁର ସମାଧାନ କ୍ଷେତ୍ରରେ ପ୍ରୟାସ ଅନୁଷ୍ଠାନ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଗୁରୁତ୍ୱ ଆରୋପ କରିଥିଲେ। ଆଲୋଚନାରେ କଣାସ ପଞ୍ଚାୟତ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ପରିବେଶବିତ୍ ଆଦିକନ୍ଦ ଶ୍ରୀଚନ୍ଦନ, ପ୍ରାଚୁର୍ଯ୍ୟ ହୋତା, ବାବୁଲ ଦାସ, ଭାସ୍କର ମିଶ୍ର, ସୁରଥ ବେହେରା, ଗଡଖାରଦ ସରପଞ୍ଚ ମହେଶ୍ୱର ସେଠୀ, ପାଣ୍ଡିଆକେରା ସମିତି ସଭ୍ୟ କମଳିନୀ ନାୟକ, ଯାମଳଗୋଦା ସମିତିସଭ୍ୟା ଦୀପ୍ତିରାଣୀ ସ୍ୱାଇଁ, ଶ୍ରୀନିବାସ ପାତ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ବିଷ୍ଣୁଜୟ ମତଗଜସିଂ ଉପସ୍ଥିତ ଥିଲେ। ବିଶ୍ୱଜିତ୍ ବଡ଼ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଦିଲ୍ଲୀପ [illegible] ଧନ୍ୟବାଦ ଦେଇଥିଲେ।

# ରଥାରୂଢ଼ ଦିଅଁଙ୍କୁ ଲାଗିହେଲା ରସଗୋଲା

ପୁରୀ ଅଫିସ,୧୨।୭



ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଦେଇ ମା' ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିବା ସହ ନୀଳାଦ୍ରି ବିଜେ କରିଛନ୍ତି। ନୀଳାଦ୍ରି ବିଜେ ଅବସରରେ ଏହି ରସଗୋଲା ପରମ୍ପରା ନିଆରା। ରଥାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କ ସମ୍ମୁଖରେ ରସଗୋଲା ଭୋଗ କରାଯିବାର ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି। ମଙ୍ଗଳବାର ନୀଳାଦ୍ରି ବିଜେ ପୂର୍ବରୁ ରଥାରୂଢ଼ ଦାରୁଦିଅଁଙ୍କ ନିକଟରେ ରସଗୋଲା ଭୋଗ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୁରୀ ସହରରେ ଘରର ମୁରବିମାନେ ରସଗୋଲା ଭୋଗକରି ସମସ୍ତଙ୍କୁ ବାଣ୍ଟିବା ଦେଖିବାକୁ ମିଳେ। ତେବେ କୋଭିଡ୍ ମହାମାରୀ ଯୋଗୁ ଗତ ୨ବର୍ଷ ହେବ ଭକ୍ତମାନେ ରଥାରୂଢ଼ ବିଗ୍ରହଙ୍କୁ ରସଗୋଲା ଭୋଗ କରିବାର ସୁଯୋଗ ପାଇ ନ ଥିଲେ। ଫଳରେ ରସଗୋଲା ଭୋଗ ପାଇଁ ମଙ୍ଗଳବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ରଥତ୍ରୟ ପାଖରେ ଗହଳଚହଳ ହୋଇଥିଲା। ଅନେକ ସେବାୟତ ଓ ବ୍ୟବସାୟୀ ରଥ ନିକଟରେ ରସଗୋଲା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଯେଉଁ ରସଗୋଲା ଗୋଟାକୁ ସାଧାରଣତଃ ୫ଟଙ୍କାରେ ବିକ୍ରି କରାଯାଏ ତା'ର ଦାମ୍ ୧୫ଟଙ୍କା ରହିଥିଲା। ମାଟି କୁଡୁଆରେ ରସଗୋଲା ରଖି ବ୍ରାହ୍ମଣମାନେ ରଥ ତଳେ ଠିଆ ହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୋଗ ଲଗାଇଥିଲେ। ଭକ୍ତମାନେ ମହା ଆନନ୍ଦରେ ରସଗୋଲା ଭୋଗ ସେବନ କରିଥିଲେ ଓ ବାଣ୍ଟିଥିଲେ। ପୁରୀ ବାସିନ୍ଦା ତ୍ରିଲୋଚନ ଖୁଣ୍ଟିଆ କହିଛନ୍ତି, ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଦିନ ପୁରୀର ସାହି ସାହିରେ ଲୋକେ ରଥ ପାଖରେ ରସଗୋଲା ଭୋଗ କରନ୍ତି। ତେବେ ଗତ ଦୁଇ ବର୍ଷ ହେବ ରସଗୋଲା ଭୋଗ ହୋଇପାରି ନ ଥିଲା। ସେଥିପାଇଁ ଚଳିତବର୍ଷ ଗହଳି ଦେଖିବାକୁ ମିଳୁଛି। ମୁଁ ପରିବାର ପାଇଁ ଭୋଗ ଲଗାଇଛି। ପରିବାରର ସମସ୍ତେ ରସଗୋଲା ଭୋଗ ସେବନ କରିବୁ। ବର୍ଷକରେ ଥରେ ମହାପ୍ରଭୁଙ୍କ ନିକଟରେ ରସଗୋଲା ଭୋଗ ରଥରେ ଲାଗି ହେଉଥିବାରୁ ଏହି ଭୋଗର ସ୍ୱତନ୍ତ୍ରତା ରହିଛି। ବଳରାମ ଦାସଙ୍କ ଦାଣ୍ଡି ରାମାୟଣରେ ରସଗୋଲା ଭୋଗ ସମ୍ପର୍କରେ ଉଲ୍ଲେଖ ରହିଛି। ଏଣୁ କଥାରେ ଅଛି, ରଥଯାତ୍ରା ଯେବେଠୁ, ରସଗୋଲା ସେବେଠୁ ।

## ମହାପ୍ରଭୁଙ୍କୁ ଦର୍ଶନକଲେ ଦିବ୍ୟାଙ୍ଗ ଅନ୍ତେବାସୀ

ପୁରୀ ଅଫିସ,୧୨।୭

ମହାପ୍ରଭୁଙ୍କ ଘୋଷଯାତ୍ରା ଦୀର୍ଘ ଦୁଇବର୍ଷ ଧରି ମହାମାରୀ କରୋନା ପାଇଁ ବିନା ଭକ୍ତରେ ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ ଭକ୍ତଙ୍କ ଗ୍ରହଣରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୁଇବର୍ଷ ପରେ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଟିଏ କାହିଁ କେତେଦୂରରୁ ଆସିଥିଲେ। ଏହି ଅବସରରେ ମଙ୍ଗଳାଘାଟସ୍ଥିତ ଜରାଶ୍ରମ ସଂକଳ୍ପର ଦିବ୍ୟାଙ୍ଗ ଅନ୍ତେବାସୀମାନେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଦିବ୍ୟାଙ୍ଗ ଅନ୍ତେବାସୀମାନଙ୍କୁ ଜରାଶ୍ରମରୁ ରଥଖଳା ପର୍ଯ୍ୟନ୍ତ ନେବା ପାଇଁ ଅନୁଷ୍ଠାନର ସଦସ୍ୟ ସୁରେଶ କୁମାର ସାହୁ, ସିଦ୍ଧାର୍ଥ ଦାସ, ରାଜେନ୍ଦ୍ର ସ୍ୱାଇଁ, ପୁଷ୍ପା ମଞ୍ଜରୀ ପାତ୍ର, ମନୋରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅପରପକ୍ଷେ ଅନ୍ତେବାସୀଙ୍କୁ ସାମାଜିକ ଅନୁଷ୍ଠାନ ସିଏଫଏ ହୁଇଲ୍ ଚେୟାର ଯୋଗାଇ ଦିଆଯାଇଥିଲା। ଏଥିପାଇଁ ସଂକଳ୍ପ ଅନୁଷ୍ଠାନର ସଭାପତି ସୁଚରିତା ପାଢ଼ୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ, ଜଳ ସେବା

ପୁରୀ ଅଫିସ,୧୨।୭

ରଥଯାତ୍ରା ଓ ବାହୁଡ଼ାଯାତ୍ରା ଅବସରରେ ମୋହନଜୀ ଭାରତ ଏବଂ ଆମ୍ୟୁକେୟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବଡ଼ଦାଣ୍ଡରେ ଦୀର୍ଘ ୯ଦିନ ବ୍ୟାପୀ ଶ୍ରଦ୍ଧାଳୁ ଏବଂ ଭକ୍ତମାନଙ୍କୁ ମହାପ୍ରସାଦ ସେବା ଯୋଗାଇ ଦିଆଯାଇଥିବା ବେଳେ ବାହୁଡାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପଥଚାରୀ, ସ୍ୱେଚ୍ଛାସେବୀ, ସୁରକ୍ଷାକର୍ମୀମାନଙ୍କୁ ଜଳସେବା ଯୋଗାଇ ଦିଆଯାଇଛି। ଆଡ଼ପ ମଣ୍ଡପରେ ଦର୍ଶନ ସାରି ମହାପ୍ରସାଦ ପ୍ରାପ୍ତି ହେଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ଆଧାରକରି ଦୂରଦୂରାନ୍ତରୁ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଧାଇଁ ଆସିଥିବା ଭକ୍ତଙ୍କ ପାଇଁ ମହାପ୍ରସାଦର ଆୟୋଜନ କରିଥିଲେ ମୋହନଜୀ ଭାରତ ଏବଂ ଆମ୍ୟୁକେୟାର ଚାରିଟେବୁଲ ଟ୍ରଷ୍ଟ। ଏ ନେଇ ମୋହନଜୀ ଭାରତର ପ୍ରତିଷ୍ଠାତା ମୋହନଜୀ କହିଛନ୍ତି, ଏହି ସେବା ଦ୍ୱାରା ମନ ଓ ଆତ୍ମାରେ ଶୁଦ୍ଧତା ଆସିବା ସହ ସମସ୍ତ ଇଚ୍ଛାପୂରଣ ହୋଇଥାଏ। ଶ୍ରୀମନ୍ଦିର ଛତିଶା ନିଯୋଗର ନାୟକ ଜନାର୍ଦ୍ଦନ ପାଟ୍ଟଜୋଷୀ ମହାପାତ୍ର ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

# ଗ୍ରାମର ମୁଖ୍ୟ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପାର ବରିଷ୍ଠ ନେତୃବୃନ୍ଦ ।

ସାକ୍ଷୀଗୋପାଳ,୧୨।୭(ଡି.ଏନ୍.ଏ.)

**ଭାଜପାର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ**

ଭାଜପାର ଜିଲାସ୍ତରୀୟ ୪ର୍ଥ ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଏକ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ବିଶେଷ କରି ଜିଲାରେ ପାନୀୟ ଜଳ, ଶିକ୍ଷା ବ୍ୟବସ୍ଥା, ଗରିବ କଲ୍ୟାଣ ଯୋଜନା, ପକ୍କା ଗୃହ ଯୋଜନା ବହୁ ପଛରେ ପଡି ରହିଥିବା ବେଳେ ବନ୍ୟା ଜଳ ନିଷ୍କାସନ ଓ ଜଳସେଚନ ସମସ୍ୟା ରହି ଆସିଛି ବୋଲି ଭାଜପା ଅଭିଯୋଗ କରି ଏହି ସମସ୍ୟାର ସମାଧାନ କିଭଳି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ସେନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ବିଶେଷ ଭାବରେ କେନ୍ଦ୍ର ସରକାରଙ୍କ ଜନହିତକାରୀ ଯୋଜନା କିଭଳି ବାଟମାରଣା ନ ହୋଇ ଗରିବ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ ସେନେଇ ରାଜ୍ୟ ସଭାପତି ମହାନ୍ତି ଗୁରୁମନ୍ତ୍ର ଦେଇଥିଲେ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ପୁରୀ ଜିଲାରେ ସମସ୍ତ ଆସନ ଦଖଲ କରିବ ବୋଲି ରାଜ୍ୟ ସଭାପତି ଦୃଢୋକ୍ତି ପ୍ରକାଶ କରିଥିଲେଁ। ଅନ୍ୟପଟେ ପ୍ରତି ନିର୍ବାଚନରେ ମହିଳାଙ୍କ ଭୋଟ ଅକ୍ତିଆର କରି ବିଜେଡି ବାଜିମାତ କରୁଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନରେ ମହିଳା ଭୋଟ ଭାଜପା ସପକ୍ଷରେ ରହିବ ବୋଲି ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ। ବୈଠକରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂ ଓ ବାଇଧର ମଲ୍ଲିକ, ରାଜ୍ୟ କମିଟି ସଦସ୍ୟ ଓମ ପ୍ରକାଶ ମିଶ୍ର, ଶଙ୍କର ପରିଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଓମ୍ ପ୍ରକାଶ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପ୍ରାକୃତିକ ଜଳ ନିଷ୍କାସନ ନାଳ ପୋତି ଦିଆଯାଉଛି

### ପ୍ରଶାସନ ପଦକ୍ଷେପ ନେବାକୁ ଦାବି

କାକଟପୁର,୧୨।୭(ଡି.ଏନ୍.ଏ.):

କାକଟପୁର ତହସିଲ ଅନ୍ତର୍ଗତ ପୁରାତନ ମଲା ମାଛ ଜଳ ନିଷ୍କାସନ ନାଳ, ଚନ୍ଦନ ବଜାରସ୍ଥ ନାଳ, କନ୍ଦଳପୁର ରାସ୍ତାର ସାଇଫୋନ, କାକଟପୁର-ବାଜପୁର ରାସ୍ତାରେ ଥିବା ନାଳ ସମେତ ୧୬ଟି ପ୍ରାକୃତିକ ବର୍ଷାଜଳ ନିଷ୍କାସନ ସଫେଇଗୁଡ଼ିକୁ ପୋତି ଦିଆଯାଉଛି। ସରକାରୀ ରେକର୍ଡରେ ଜଳାଶୟ କିସମ ଥିଲେ ମଧ୍ୟ ବେପରୁଆ ଭାବରେ ଜମି ଦଲାଲମାନେ ଜମିର କିସମ ପରିବର୍ତ୍ତନ ନ କରି ନାଳଗୁଡିକ ପୋତି ଘରବାରି ଯୋଗ୍ୟ କରୁଛନ୍ତି। ପ୍ରଶାସନ ସବୁଜାଣି ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। କାକଟପୁର ଓ ଅସ୍ତରଙ୍ଗ ତହସିଲରେ କିସମ ପରିବର୍ତ୍ତନ ନ କରି ଜମି ଦଲାଲମାନେ ବେଆଇନ ଭାବେ ରାସ୍ତାକଡ଼ର ଶାରଦ ଦୋଫସଲି ଓ ଜଳାଶୟ କିସମରେ ଗୃହ ନିର୍ମାଣ କରି ଚାଲିଛନ୍ତି। ଗତବର୍ଷ ଧାନ ଅମଳ ସମୟରେ ଅଦିନିଆ ବର୍ଷା ହୋଇ ଦୀର୍ଘ ଦିନ ଧରି ଜଳ ନିଷ୍କାସନ ନ ହୋଇ ପାରିବା ଫଳରେ ଚାଷୀମାନଙ୍କ କ୍ଷତି ହୋଇଥିଲା। ସେ ସବୁର କ୍ଷତିପୂରଣ ଅଦ୍ୟାବଧି ଚାଷୀମାନେ ପାଇପାରିନାହାନ୍ତି। ଏଭଳି ସ୍ଥଳେ ରାଜସ୍ୱ ବିଭାଗର ଅଧିକାରୀମାନେ ଏବେଠାରୁ ଜଳ ନିଷ୍କାସନ ନାଳଗୁଡ଼ିକୁ ଅବରୋଧ ମୁକ୍ତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ଚାଷୀ ସଙ୍ଗଠନ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ କାକଟପୁର ତହସିଲଦାର, ପୁରୀ ଜିଲାପାଳ, ରାଜସ୍ୱ ସଚିବଙ୍କ ସମେତ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବର୍ଷାରେ ସମସ୍ୟା ସୃଷ୍ଟି ହେବା ପୂର୍ବରୁ ତୁରନ୍ତ ପ୍ରତିକାର ପାଇଁ ସେମାନେ ଦାବି କରିଛନ୍ତି।

## ପାଠାଗାର ଆନ୍ଦୋଳନର ପୁରୋଧା ଥିଲେ ଦାଶରଥି

ପୁରୀ ଅଫିସ,୧୨।୭

ସମତା ସାହିତ୍ୟ ସମିତି ପୁରୀ ଆନୁକୂଲ୍ୟରେ ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥି ପଟ୍ଟନାୟକଙ୍କର ୧୧୫ତମ ଜୟନ୍ତୀ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କବି ଶିବ ସୁନ୍ଦର ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ୱାମୀ ଗିରିଜା ନନ୍ଦ ପର୍ବତ ମହାରାଜ ଯୋଗଦେଇ କହିଥିଲେ, ଦାଶରଥି ପଟ୍ଟନାୟକଙ୍କ ଶିକ୍ଷାଗତ ଯୋଗ୍ୟତା କମ୍ ହୋଇ ମଧ୍ୟ ଓଡିଶାର କୋଣ ଅନୁକୋଣ ବୁଲି ପୋଥି ପତ୍ର ପତ୍ରିକା ସଂଗ୍ରହ କରିବା ସହ ସାହିତ୍ୟିକ, ଲେଖକ ଓ ଖବରଦାତାଙ୍କୁ ୧୦୦ଟି ଚିଠି ଲେଖିବାର ଅଭ୍ୟାସ ରହିଥିଲା। ଅନ୍ୟତମ ଅତିଥି ଭାବେ ପ୍ରଫେସର କାର୍ତ୍ତିକ କୁମାର ଦାସ ଯୋଗଦେଇ କହିଥିଲେ ପାଠାଗାର ଆନ୍ଦୋଳନର ପୁରୋଧା ଥିଲେ ସ୍ୱର୍ଗତ ଦାଶରଥି ପଟ୍ଟନାୟକ। ସେ ସ୍ୱଳ୍ପ ସମୟ ମଧ୍ୟରେ ଦୁଇଲକ୍ଷ ପ୍ରତିକା, ୬୫ ହଜାର ତାଳପତ୍ର ପୋଥି ସଂଗ୍ରହ କରିଥିଲେ। ପ୍ରମିଳ ନନ୍ଦ, ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ, ବାବା ଶ୍ରୀହରି ମହାରାଜ, ବାବା ଲଲାଟେନ୍ଦୁ କେଶରୀ, ସୁବାସ ଚନ୍ଦ୍ର ମିଶ୍ର, ବିଜୟ ଛାଟୋଇ, ଯୋଗେଶ୍ୱର ପ୍ରହରାଜ, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସମିତି ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦାଶରଥି ପଟ୍ଟନାୟକଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।




ଦାଶରଥି ପଟ୍ଟନାୟକଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# ଜାଲିଆତି କରି ଭତ୍ତା ହଡ଼ପ ଅଭିଯୋଗ

ଅସ୍ତରଙ୍ଗ/କାକଟପୁର, ୧୨।୭(ଡି.ଏନ୍.ଏ.)

କାକଟପୁର ବ୍ଲକ ଅନ୍ତର୍ଗତ କାଦୁଆ ନୂଆଗାଁ ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାର ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା, ମୃତ୍ତିକା ସଂରକ୍ଷଣ ଯୋଜନାରେ ପୋଖରୀ ଖୋଳା ମେଶିନ ସାହାଯ୍ୟରେ କାମ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଠିକାଦାରମାନେ ଶ୍ରମିକ ନିଯୁକ୍ତି ନ କରି ମେଶିନ ସାହାଯ୍ୟରେ କାର୍ଯ୍ୟ କରୁଥିବାରୁ ଗ୍ରାମର ଶ୍ରମିକ ବେରୋଜଗାର ହେଉଛନ୍ତି। ସେହିଭଳି ପଞ୍ଚାୟତରେ କେତେଜଣଙ୍କୁ ଉପଯୁକ୍ତ ବୟସ ନ ହୋଇ ମଧ୍ୟ ଜାଲିଆତି କରି ଭତ୍ତା ଦିଆଯାଉଥିବା ନେଇ ବିଡିଓଙ୍କ ପାଖରେ ସମ୍ପୃକ୍ତ ପଞ୍ଚାୟତର ସନ୍ତରସ ଗ୍ରାମର ସ୍ୱରୂପ ଭଞ୍ଜ ଅଭିଯୋଗ କରିଛନ୍ତି। ଅଭିଯୋଗ ସହିତ ପ୍ରମାଣ ସ୍ୱରୂପ ୨୦୨୨ ମସିହା ଭୋଟର ତାଲିକା ବୟସ ସହ ଦାଖଲ କରିଛନ୍ତି। ତୁରନ୍ତ ସେମାନଙ୍କର ନାମ କାଟିବା ସହିତ ଜାଲିଆତି କରି ସରକାରୀ ଅର୍ଥ ହଡପ କରୁଥିବା ଲୋକ ଓ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ବିଡିଓ ତୁଷାର ଜ୍ୟୋତି ରଞ୍ଜନ କହିଛନ୍ତି, ଏ ସମ୍ପର୍କରେ ଅଭିଯୋଗ ପାଇଛି, ତଦନ୍ତ ହୋଇ ଆବଶ୍ୟକ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ।

## କେବୁଲ ତାର ଚୋରି ଅଭିଯୁକ୍ତଙ୍କୁ ଜେଲ

ନିମାପଡ଼ା,୧୨।୭(ଡି.ଏନ୍.ଏ.):

ବିଦ୍ୟୁତ୍ କେବୁଲ ତାର ଚୋରି ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଆଲୋଇ ଗ୍ରାମର ପିଣ୍ଟୁ ସାହୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଅଭିଯୋଗ ମୁତାବକ ମାମଲା (କେସ୍ ନଂ. ୨୩୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ କୋଳିପୋଖରୀ ଗ୍ରାମରୁ ଅଭିଯୁକ୍ତ ପିଣ୍ଟୁ ୪/୫ ଦିନ ତଳେ ୧କି.ମି. ଲମ୍ବ ବିଶିଷ୍ଟ ତାର ଚୋରି କରି ଖସି ପଳାଇଥିଲେ। ତେବେ ଗ୍ରାମବାସୀ ମଙ୍ଗଳବାର ପିଣ୍ଟୁଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏନେଇ ନିମାପଡ଼ା ବିଦ୍ୟୁତ୍ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଦୀପ ସାହୁ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। କେବୁଲ ତାରର ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ସେ କହିଛନ୍ତି।

## ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଗୃହ ଉଦ୍‌ଘାଟିତ

ଗୋପ, ୧୨।୭(ଡି.ଏନ୍.ଏ.)

ସରକାର ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ବିଶେଷ କରି ପ୍ରତ୍ୟେକ ପଞ୍ଚାୟତ ଏହି ସ୍ୱାସ୍ଥ୍ୟ ସେବାକୁ ମଧ୍ୟ ଅଧିକ ମାତ୍ରାରେ ଗୁରୁତ୍ୱ ଦେଇଛନ୍ତି ବୋଲି ମଙ୍ଗଳବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତରେ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ଅବସରରେ ସରପଞ୍ଚ ନରହରି ଦଳାଇ ଏହା କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ସମୀର ମହାନ୍ତି, ସଞ୍ଜୟ କୁମାର ଦାଶ, ଷ୍ଟାଫ ନର୍ସ ସୋନାଲି ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ପୁଷ୍ପିତା ଦାଶ ଉପସ୍ଥିତ ରହି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ସରପଞ୍ଚ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ।



ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ନୂତନ ଗୃହକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

# ପହଣ୍ଡିରେ ମୁଖ୍ୟ ଆକର୍ଷଣ ଟାହିଆ

**ରାଘବ ଦାଶ ମଠ ଯୋଗାଏ**

ପୁରୀ ଅଫିସ,୧୨।୭



ମହାପ୍ରଭୁଙ୍କ ଯାତ୍ରା ସମୟରେ ଅନେକ ଅଳଙ୍କାର ପରିଧାନ କରିଥାନ୍ତି। ଏହି ଅଳଙ୍କାର ମଧ୍ୟରେ ଟାହିଆ ହେଉଛି ଅନ୍ୟତମ। ଶ୍ରୀବିଗ୍ରହମାନେ ସ୍ନାନପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ା ଯାତ୍ରା ସମେତ ଆଡ଼ପ ବିଜେ ଏବଂ ନୀଳାଦ୍ରି ବିଜେ ସମୟରେ ମସ୍ତକରେ ଟାହିଆ ପରିଧାନ କରିଥାନ୍ତି। ଏହି ଟାହିଆ ଯୋଗୁ ଠାକୁରଙ୍କ ମୁଖମଣ୍ଡଳ ସ୍ୱତନ୍ତ୍ର ଆକର୍ଷଣ ଦେଖାଯାଏ। ଏହି ଟାହିଆ ମୁଖ୍ୟତଃ ସୋଲ, ବାଉଁଶ କାଠି, ବିଭିନ୍ନ ପ୍ରକାର ଫୁଲରେ ନିର୍ମିତ ହୋଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରାଘବ ଦାଶ ମଠ ପକ୍ଷରୁ ଟାହିଆ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ତେବେ ବିଗତ କିଛି ବର୍ଷ ହେବ ମଠ ପକ୍ଷରୁ ବସନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଟାହିଆ ନିର୍ମାଣ ହେଉଛି।

ପରମ୍ପରା ଅନୁଯାୟୀ ଅକ୍ଷୟତୃତୀୟାଠାରୁ ସେବକ ଏବଂ କାରିଗରମାନେ ଶୁଦ୍ଧପୁତ ଭାବେ ରାଘବ ଦାଶ ମଠ ପରିସରରେ ଟାହିଆ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ମଧ୍ୟରେ ଶ୍ରୀବିଗ୍ରହଙ୍କର ୬ ଥର ପହଣ୍ଡି ହୋଇଥାଏ। ଏହି ୬ଥର ପହଣ୍ଡିରେ ଶ୍ରୀବିଗ୍ରହମାନେ ସମୁଦାୟ ୨୪ଟି ଟାହିଆ ଓ ମାଳଚୂଳ ପରିଧାନ କରିଥାନ୍ତି। ମୁଖ୍ୟତଃ ଟାହିଆ ଦୁଇ ପ୍ରକାର ହୋଇଥାଏ ଯଥା ଛୋଟ ଟାହିଆ ଏବଂ ବଡ ଟାହିଆ। ବଡଠାକୁର ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ମଠ ପକ୍ଷରୁ ଟାହିଆ ଯୋଗାଇ ଦିଆଯାଉଥିବା ବେଳେ ମା ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନଙ୍କ ନିମନ୍ତେ ମଠ ପକ୍ଷରୁ ମାଳ ଚୂଳ ଆଦି ଯୋଗାଇ ଦିଆଯାଏ। ଟାହିଆଗୁଡିକ ସ୍ୱତନ୍ତ୍ର ଶୈଳୀ ତଥା ମାପରେ ନିର୍ମିତ ହୋଇଥାଏ। ଟାହିଆ ତିଆରି କରିବା ପାଇଁ ବାଉଁଶ, ବାଉଁଶ ପାତିଆ, କଦଳି ପାଟୁକା, ସୋଲ, ଜରି, ରଙ୍ଗିନ କନା, ପଇତା ସୂତା ଏବଂ ବିଭିନ୍ନ ପ୍ରକାର ସୁବାସିତ ରଙ୍ଗିନ ଫୁଲରେ ଟାହିଆ ନିର୍ମାଣ ହୋଇଥାଏ। ଟାହିଆଗୁଡ଼ିକର ଆକୃତି ପାନପତ୍ର ସଦୃଶ ହୋଇଥାଏ। ଟାହିଆର ଉଚ୍ଚତା ପ୍ରାୟ ୬ ଫୁଟ ହୋଇଥିବା ବେଳେ ବ୍ୟାସ ସାଢେ ୮ ଫୁଟ ହୋଇଥାଏ। ପହଣ୍ଡି ପୂର୍ବରୁ ଶ୍ରୀବିଗ୍ରହଙ୍କ ମଙ୍ଗଳାର୍ପଣ ନୀତି ସରିବା ପରେ ଟାହିଆ ବିଜେ କରିଥାଏ। ଶ୍ରୀବିଗ୍ରହମାନେ ସାତ ପାହାଚ ନିକଟରେ ବିଜେ କରିବା ପରେ ଶ୍ରୀବିଗ୍ରହଙ୍କ ମସ୍ତକରେ ଟାହିଆ ଲାଗି କରାଯାଇଥାଏ। ସେହିପରି ରଥର ସିଂହାସନ ତଳକୁ ମହାପ୍ରଭୁ ଆସିବା ପରେ ଚାରମାଳ ଉପରେ ଟାହିଆ ଲଗାଯାଏ। ଶ୍ରୀବିଗ୍ରହମାନେ କେବଳ ରଥଯାତ୍ରା ସମୟରେ ଟାହିଆ ପରିଧାନ କରିଥାନ୍ତି। ଟାହିଆ ନିର୍ମାଣ କରୁଥିବା ସେବକ ଏବଂ କାରିଗରଙ୍କୁ ରାଘବ ଦାଶ ମଠ ପକ୍ଷରୁ ଖେଇ ଓ ଖୋରାକି ଯୋଗାଇ ଦିଆଯାଇଥାଏ।

## ସଂକ୍ଷେପରେ

### ଶୟନ ଗଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୧୨।୭(ଡି.ଏନ୍.ଏ.): ଆଷାଢ଼ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ମଙ୍ଗଳବାର ଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜ ୪ ମାସ ପାଇଁ ଶୟନ ଯାଇଛନ୍ତି। ଦୈନିକ ନୀତି ସରିବା ପରେ ଭଣ୍ଡାର ଘରେ ରଖାଯାଇଥିବା ଶୟନ ମୂର୍ତ୍ତିକୁ ରୁପା ଥାଳିରେ ଅଣାଯାଇ ଶ୍ରୀଜୀଉଙ୍କ ସମ୍ମୁଖରେ ଅବସ୍ଥାନ କରାଯାଇଥିଲା। ପରେ ମହାସ୍ନାନ ପୂଜା କରାଯାଇ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ଶ୍ରୀଜୀଉ ଏବଂ ଶୟନ ଠାକୁରଙ୍କୁ ମାଘସ୍ନାନ ଲାଗି କରାଇଥିଲେ। ଏହା ପରେ ପାଳିଆ ବଡୁ ସେବକ ଶ୍ରୀଜୀଉଙ୍କୁ ସ୍ନାନ କରି ବେଶ କରିଥିଲେ। ସେହିପରି ପତ୍ରୀ ସେବକ ଶୟନ ଠାକୁରଙ୍କୁ ସ୍ନାନ କରାଇ ବେଶ କରିଥିଲେ। ପୁଣି ଶୟନ ଠାକୁରଙ୍କୁ ଶ୍ରୀଜୀଉଙ୍କ ସମ୍ମୁଖରେ ରଖାଯାଇ ଷୋଡ଼ଷ ଉପଚାରରେ ପୂଜା କରାଯାଇ ଆଳତି ହୋଇଥିଲା। ପରେ ଉକ୍ତ ଶାୟିତ ଠାକୁରଙ୍କୁ ଭଣ୍ଡାର ଘରକୁ ପତ୍ରୀ ସେବକ ଆଣିଥିଲେ। ବଡ଼ସିଂହାର କରାଯାଇ ପହୁଡ଼ ପଡ଼ିଥିଲା। ସୂଚନାଥାଉ କି, ଆଜିଠାରୁ ଏକାମ୍ର କ୍ଷେତ୍ରର ସମସ୍ତ ରାଜ୍ୟଭାର ଭଣଜା ପର୍ଶୁରାମେଶ୍ୱର ମହଦେବ ସମ୍ଭାଳିବେ। ଏହି ୪ ମାସ ବ୍ରତଘର, ବିବାହ, ଗୃହ ପ୍ରତିଷ୍ଠା ଓ ଅନ୍ୟାନ୍ୟ ଶୁଭ କାର୍ଯ୍ୟ ନିଷେଧ ରହିଛି।

### ମୃତକଙ୍କ ପରିବାରକୁ ଭେଟିଲେ ଅତିରିକ୍ତ ତହସିଲଦାର

ନିରାକାରପୁର,୧୨।୭(ଡି.ଏନ୍.ଏ.): ଦୈବ ଦୁର୍ବିପାକରେ ମୃତ୍ୟୁବରଣ କରିଥିବା ପରିବାରଙ୍କ ପାଖରେ ମଙ୍ଗଳବାର ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ ଦେହୁରୀ ପହଞ୍ଚିଛନ୍ତି। ତହସିଲଦାର ଡିଆ ଆଦିବାସୀ ସାହି ଓ ଲେଣ୍ଡୋ ପଞ୍ଚାୟତ ଭଗବତୀପଡା ଏବଂ ରେଙ୍ଗଟା ଗ୍ରାମର ସାପକାମୁଡା ଏବଂ ପାଣିରେ ବୁଡି ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରର ତଦାରଖ କରିଛନ୍ତି। କିପରି ସରକାରୀସ୍ତରରୁ ମିଳୁଥିବା ଅନୁଦାନ ସେହି ପରିବାର ଶୀଘ୍ର ପାଇବେ ସେ ନେଇ ଆଲୋଚନା କରିଥିଲେ। ଏଥିରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

### ଆନ୍ଧ୍ରପ୍ରଦେଶକୁ ପଠାଗଲା 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସଂଖ୍ୟା

ଭୁବନେଶ୍ୱର, ୧୨।୭(ବ୍ୟୁରୋ): ଓଡ଼ିଶା ରାଜ୍ୟର ସୀମାବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ସହ ଅଧିକ ସମ୍ପୃକ୍ତ କରାଇବା ଏବଂ ସେମାନଙ୍କ ସହ ଓଡ଼ିଶାବାସୀଙ୍କ ଭାବଗତ ସମ୍ପର୍କକୁ ମଜଭୁତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶିତ 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟାକୁ ଆନ୍ଧ୍ରପ୍ରଦେଶର ମଞ୍ଜୁଷା, ଟିକାଲି, ଇଚ୍ଛାପୁରମ୍ ଏବଂ ବିଶାଖାପାଟଣାରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କ ନିମନ୍ତେ ପ୍ରେରଣ କରାଯାଇଛି। ମଙ୍ଗଳବାର ଏହାକୁ ନେଇ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଥିବା ଏକ ସ୍ୱତନ୍ତ୍ର ଯାନକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ।

# ଟ୍ରକ୍ ପଛକୁ ଧକ୍କାଦେଲା ବସ୍

## ହେଲ୍‌ପର ମୃତ, ୧୫ ଯାତ୍ରୀ ଆହତ

ଖୋର୍ଦ୍ଧା ଅଫିସ,୧୨।୭

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବରୁଣେଇ ଓଭରବ୍ରିଜ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ ଏକ ଯାତ୍ରୀବାହୀ ବସ୍ ଭଞ୍ଜନଗର ଯାଉଥିବା ବେଳେ ଏକ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୫ଜଣ ଆହତ ହୋଇଥିବା ବେଳେ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଗବାନ ନାୟକ। ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ତେବେ ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ 'ଓମ୍ ଶାନ୍ତି' ନାମକ ବସ୍ (ଓଆର୦୨-ବିକେ-୦୯୭୨) ପ୍ରାୟ ୫୦ଜଣ ଯାତ୍ରୀଙ୍କୁ ନେଇ ଭଞ୍ଜନଗର ଅଭିମୁଖେ ଯାଉଥିଲା। ସକାଳ ପ୍ରାୟ ୮ଟାରେ ଡ୍ରାଇଭର ନିଜ ନିୟନ୍ତ୍ରଣ ହରାଇବାରୁ ବସଟି ବରୁଣେଇ ଓଭରବ୍ରିଜ୍ ଦେଇ ଯାଉଥିବା ଏକ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ବସ୍ ଆଗ ଭାଙ୍ଗି ଚୂରମାର ହେବା ସହ ବନେଟ ଉପରେ ବସିଥିବା ହେଲପର ଭଗବାନ ଛିଟିକି ତଳେ ପଡ଼ିଯାଇଥିଲେ। ଫଳରେ ବସ୍ ଚକା ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ବସ୍‌ଟି ରାସ୍ତାପାର୍ଶ୍ୱ ବାଲିଗଦା ଉପରକୁ ମାଡ଼ିଯାଇଥିଲା। ଫଳରେ ୧୫ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନେ ହେଲେ ରଞ୍ଜିତା ରାୟ, ମୋନାଲିସା ପ୍ରଧାନ, ତିଳୋତ୍ତମା ଜେନା, ସତ୍ୟଭାମା ବିଶୋଇ, ସୁନୀଲ ପ୍ରଧାନ, ରୋହିତ ନାୟକ, ମହନ୍ତି ବେହେରା, ସାଗରିକା ମହାରଣା, ଭାନୁମତି ପାଇକରାୟ, ବୈକୁଣ୍ଠନାଥ ବିହାରୀ, କାହ୍ନୁ ପ୍ରମୁଖ ରହିଥିବା ବେଳେ ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ଶିଳ୍ପାଞ୍ଚଳ ଓ ରାଜପଥ ପାଟ୍ରୋଲିଂ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଦ୍ରୁତ ଗାଡ଼ିଚାଳନା ଯୋଗୁ ଏହି ଦୁର୍ଘଟଣା ହେଲା ବୋଲି କେତେଜଣ ବସ୍‌ଯାତ୍ରୀ କହିଛନ୍ତି। ସୂଚନାଥାଉ କି, ଗତ ୩ ତାରିଖରେ କଟକ ଜିଲା ବାଙ୍କୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଖୋର୍ଦ୍ଧାର ବାଘମାରୀ-ସିମୋର ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସିପଡ଼ିଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ଆହତ ହୋଇଥିଲେ।



ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍।



ବୋଲଗଡ଼: ବର୍ଷାରେ କନ୍ତାଇଲୋ ଗ୍ରାମ ନିକଟ ବ୍ରିଜ୍ ସଂଯୋଗ ରାସ୍ତା ଦବିଯାଇଛି।

## ଜିଲା ମୁଖ୍ୟ ଚିକିତ୍ସାଳୟ ବୁଲି ଦେଖିଲେ ଆରଡିସି

### ସ୍ୱଚ୍ଛତା, ରୋଗୀସେବାକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୧୨।୭

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ସୁରେଶ ଚନ୍ଦ୍ର ଦଳାଇ ମଙ୍ଗଳବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଓପିଡିରେ ଚାଲିଥିବା ରୋଗୀ ସେବା, ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସହ ଆଲୋଚନା କରିଥିଲେ। ମେଡିକାଲରେ ଉପଲବ୍ଧ ଚିକିତ୍ସା ସମ୍ପର୍କରେ ଏଡିଏମଓ(ମେଡିକାଲ) ବିଶ୍ୱମୋହନ ମିଶ୍ର ଓ ସିଡିଏମଓ ଆର୍ତ୍ତବନ୍ଧୁ ନାୟକଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ମେଡିକାଲ ପରିସରରେ ସ୍ୱଚ୍ଛତା, ରୋଗୀ ସେବା ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଥିଲେ। ରୋଗୀଙ୍କ ସହ ଉତ୍ତମ ବ୍ୟବହାର କରିବାକୁ ମେଡିକାଲ କର୍ମଚାରୀଙ୍କୁ କହିଥିଲେ। ଚିକିତ୍ସାରେ ରୋଗୀ ଖୁସି ହେଲେ, ସୁନାମ ବଢ଼ିବ ବୋଲି କହିଥିଲେ। ଏହି ଗସ୍ତ ବେଳେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଗ୍ରାମ୍ୟ ଉନ୍ନୟନ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଗନ୍ତ ରାଉତରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରତ୍ନବେଦିକୁ ଫେରିଲେ ପୂର୍ଣ୍ଣବିଗ୍ରହ



ଖୋର୍ଦ୍ଧା ଅଫିସ,୧୨।୭

ଜାଗୁଳିପାଟଣାର ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଦେବ ରତ୍ନବେଦୀକୁ ଫେରିଛନ୍ତି। ଏଥିସହ ଚଳିତବର୍ଷର ପୂର୍ଣ୍ଣବିଗ୍ରହଙ୍କ ରଥଯାତ୍ରା ସମାପନ ହୋଇଛି। ବୁଧବାରଠାରୁ ମନ୍ଦିରରେ ରୀତିନୀତି ଅନୁଯାୟୀ ସମସ୍ତ ନୀତିକାନ୍ତି ଚାଲିବ। ମଙ୍ଗଳବାର ଭୋର ସମୟରେ ରଥରେ ମଙ୍ଗଳ ଆଳତି ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ପରେ ବେଶ ସମାପନ ହୋଇ ଗୋପାଳବଲ୍ଲଭ ଭୋଗ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଆଳତି ପରେ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ନୀତି ଆରମ୍ଭ ହୋଇଥିଲା। ଗୋଟି ପହଣ୍ଡିରେ ପ୍ରଥମେ ଶ୍ରୀ ସୁଦର୍ଶନ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ପରେ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ପହଣ୍ଡି ହୋଇଥିଲା। ବଡଭାଇ, ଦେବୀ ସୁଭଦ୍ରା ପହଣ୍ଡି ହୋଇ ରତ୍ନବେଦୀରେ ବିଜେ କରିଥିଲେ। ତେବେ ମହାପ୍ରଭୁଙ୍କ ପହଣ୍ଡି ହୋଇ ମନ୍ଦିର ନିକଟରେ ପହଞ୍ଚିବା ବେଳେ ଭିତରୁ ମହାଲକ୍ଷ୍ମୀ ଦ୍ୱାର ବନ୍ଦ କରିଦେଇଥିଲେ। ବଡଭାଇ ଓ ଭଉଣୀଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚା ଯାତ୍ରା କରିଥିବାରୁ ମହାଲକ୍ଷ୍ମୀ ରୋଷ କରିଥିଲେ। ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିଥିଲେ। ପରେ ଶ୍ରୀଅନନ୍ତ ପୁରୁଷୋତ୍ତମ ରତ୍ନବେଦୀକୁ ନୀଳାଦ୍ରି ବିଜେ କରିଥିଲେ। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶ୍ରୀଙ୍ଗାର ପରେ ଅନ୍ୟାନ୍ୟ ନୀତି କରାଯାଇ ବଡସିଂହାର ବେଶ, ଭୋଗ ସମ୍ପନ୍ନ ହୋଇ ରାତ୍ର ପହୁଡ ପଡ଼ିଥିଲା ବୋଲି ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ ସୂଚନା ଦେଇଛନ୍ତି। ସେହିଭଳି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡଖୋର୍ଦ୍ଧା ସ୍ଥିତ ଚତୁର୍ଦ୍ଧାମୂର୍ତ୍ତି, କାଙ୍କଣ ଶିଖରୀ ଏବଂ ଦାରୁକ୍ଷେତ୍ର ଦଧିମାଛଗାଡିଆ ଶ୍ରୀପତିତପାବନଙ୍କ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହୋଇଛି। ଗଡଖୋର୍ଦ୍ଧାରେ ପ୍ରଥମ ଥର ଲାଗି ରଥଯାତ୍ରା ଆୟୋଜନ ହୋଇଥିବାରୁ ନବଦିନାତ୍ମକ ଯାତ୍ରା ଉଲ୍ଲାସର ସହ ଅନୁଷ୍ଠିତ ହୋଇଥିଲା। ରଥରେ ମହାପ୍ରଭୁଙ୍କ ସୁନାବେଶ, ଅଧରପଣା ନୀତି ସମ୍ପନ୍ନ ହୋଇଥିବା ବେଳେ ମଙ୍ଗଳବାର ଚତୁର୍ଦ୍ଧାମୂର୍ତ୍ତି ନୀଳାଦ୍ରି ବିଜେ କରିଛନ୍ତି। ଏହି ଅବସରରେ ରଥକାର୍ଯ୍ୟରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଂସ୍କୃତି ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ଅଜିତ୍ ପଟ୍ଟନାୟକ, ଉମେଶ ମହାନ୍ତି, ଗୋପାଳକୃଷ୍ଣ ଦାସ, ଶୁଭବ୍ରତ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

### ମହିଳାଙ୍କୁ ଗାଳିଗୁଲଜ ଅଭିଯୋଗ: ଯୁବକ ଗିରଫ

ଝାଁଳା,୧୨।୭(ଡି.ଏନ୍.ଏ.)

ମହିଳାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଝାଁଳା ଫାଣ୍ଡି ଅଧୀନ ଓଗାଳପଡ଼ାର ପ୍ରଶାନ୍ତ କୁମାର ମଙ୍ଗରାଜ ଓରଫ ଟୁଲୁ (୩୫)। ସୂଚନା ମୁତାବକ, ମହିଳା ଜଣଙ୍କ ଓଗାଳପଡା ଅଞ୍ଚଳରେ ରୁହନ୍ତି। କୌଣସି କାରଣକୁ ନେଇ ଟୁଲୁ ଓ ସମ୍ପୃକ୍ତା ମହିଳାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଟୁଲୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ଟୁଲୁଙ୍କୁ ଗିରଫ କରିଥିଲା।

### ଜୈବିକ କୃଷି ପାଇଁ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ

ବୋଲଗଡ଼,୧୨।୭(ଡି.ଏନ୍.ଏ.)

ମାଟିର ଉର୍ବରତା ରକ୍ଷା ସହିତ ଉତ୍ତମଗୁଣ ମାନର ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟଶସ୍ୟ ଓ ପନିପରିବା ଚାଷ ନିମିତ୍ତ ଜୈବିକ କୃଷି କରିବାର ଲକ୍ଷ୍ୟ ନେଇ ମଙ୍ଗଳବାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମ ଠାରେ ଏକ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ହୋଇଛି। ଓଡ଼ିଶା ଜୀବିକା ମିଶନର ବ୍ଲକ ସହଯୋଗୀ ଜୟନ୍ତ ତ୍ରିପାଠୀଙ୍କ ଆବାହକତ୍ୱରେ ଏହି ଗୋଷ୍ଠୀ ଗଠନ ହୋଇଥିଲା। ଏଥିରେ ବିପିଏମ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ବ୍ଲକ ଜୀବନ ଜୀବିକା ସଂଯୋଜକ ଜୟ ପ୍ରକାଶ ସାହୁ ପ୍ରମୁଖ ଯୋଗଦେଥିଲେ। ସ୍ଥାନୀୟ ଗ୍ରାମର ୪୦ଜଣ ମହିଳା ଓ ପୁରୁଷ କୃଷକଙ୍କୁ ନେଇ ଉକ୍ତ ଗୋଷ୍ଠୀ ଗଠନ ହୋଇଛି। ରାସାୟନିକ ସାର ଓ କୀଟନାଶକ ବ୍ୟବହାର ନ କରି ଜୈବିକ ପଦ୍ଧତିରେ କୃଷି କାର୍ଯ୍ୟ କରି କୃଷକମାନେ କିପରି ଲାଭବାନ ହୋଇ ପାରିବେ ସେନେଇ କାର୍ଯ୍ୟ କ୍ରମରେ ଆଲୋଚନା କରାଯାଇଥିଲା।

## ରାସ୍ତାରେ ଜମୁଛି ପାଣି, ଲୋକେ ହଇରାଣ



ରାସ୍ତାରେ ଜମି ରହିଥିବା ବର୍ଷା ପାଣି।

ନିରାକାରପୁର,୧୨।୭(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତା ନିର୍ମାଣ ଉପରେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ରାଜଧାନୀ ଉପକଣ୍ଠ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ ଭୋଇସାହିରେ ଦୀର୍ଘ ୨୫ ବର୍ଷ ହେଲା ରାସ୍ତା କାମ ହୋଇନାହିଁ। ଫଳରେ ଗାଁ ଦାଣ୍ଡରେ ଅସରାଏ ବର୍ଷାରେ ରାସ୍ତା କାଦୁଅରେ ପୂରି ଯାଉଛି। ଏହି କାଦୁଅରେ ଅନେକ ସମୟରେ ଗାଡି ମୋଟର ଯାତାୟାତ ସମୟରେ ଚକା ଖସିବା ସହିତ ଚାଲିକି ଗଲାବେଳେ ଛୋଟ ପିଲାମାନେ ପଡିଯାଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଗାଁର ମୁଖ୍ୟ ଅଂଶରେ ଏହି କାଦୁଅ ଜମୁଥିବାରୁ ଗ୍ରାମବାସୀ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଗ୍ରାମରେ ୪୪ ପରିବାର ପାଇଁ ଗୋଟିଏ ନଳକୂପ ରହିଛି, ଗ୍ରାମରେ ପ୍ରାୟ ଗ୍ରାମବାସୀଙ୍କ ବାରିରେ କୂଅ ଥିଲେ ମଧ ସେଥିରୁ କ୍ଷାରି ପାଣି ବାହାରୁ ଥିବାରୁ ଗ୍ରାମର ସମସ୍ତେ ଏହି ନଳକୂପ ଉପରେ ନିର୍ଭର କରି ଚଳିଆସୁଛନ୍ତି । ଗ୍ରାମର ଦୁଇ ପାର୍ଶ୍ୱରେ ଆଉ ଦୁଇଟି ନଳକୂପ ବସାଇଲେ ପାଣି ସମସ୍ୟା ରୁହନ୍ତା ନାହିଁ ବୋଲି ଗ୍ରାମବାସୀ କହୁଛନ୍ତି। ଏଥିପାଇଁ ଅନେକ ଥର ଗ୍ରାମବାସୀ ମୌଖିକ ଭାବେ ଅଭିଯୋଗ କରିଥିଲେ ମଧ ତାହା ଏଯାବତ୍ ହୋଇପାରିନାହିଁ। ଏନେଇ ଗ୍ରାମର ନୂଆ ଯୁବକ ୱାର୍ଡସଭ୍ୟ ସ୍ୱରାଜ ମହାନ୍ତି କୁହନ୍ତି, ବର୍ଷା ଯୋଗୁଁ ଏହି ରାସ୍ତା କାମ ହୋଇପାରିନାହିଁ। ବର୍ଷା ଛାଡିଲେ ଖୁବ୍‌ଶୀଘ୍ର ଏହି ଗାଁ ରାସ୍ତା କାମ କରାଯିବା ସହିତ ନୂଆ ନଳକୂପ ବସାଇବା ପାଇଁ ବ୍ଲକ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି । ଏନେଇ ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ପଚାରିବାରେ, ଏହାକୁ ମୁଁ ଦେଖୁଛି ବୋଲି କହିଥିଲେ।

# 'ଓଡ଼ିଶାର ସଂସ୍କୃତି ସହ ରସଗୋଲା ଜଡ଼ିତ'

ଫୁଲନଖରା, ୧୨।୭(ଡି.ଏନ. ଏ.)

ନୀଳାଦ୍ରି ବିଜେ ଅବସରରେ ପାହାଳ ମିଠା ଉଦ୍ୟୋଗୀ ଓ ପ୍ରସ୍ତୁତକାରୀ ସମିତି ପକ୍ଷରୁ ରସଗୋଲା ଦିବସ ପାଳିତ ହୋଇଯାଇଛି। ପାହାଳ ଥାନା ଅନ୍ତର୍ଗତ ପାହାଳ ବଜାର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କୁଅଁର, ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମେୟର କହିଥିଲେ, ଓଡ଼ିଶାର ସଂସ୍କୃତି ସହ ରସଗୋଲା ଜଡ଼ିତ। ପାହାଳ ରସଗୋଲାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ କରିବେ। ପାହାଳ ରସଗୋଲା ବ୍ୟବସାୟୀମାନଙ୍କ ପାଇଁ ଏକ କ୍ଲଷ୍ଟର ହାଉସ ନିର୍ମାଣ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଅନନ୍ତପୁରଠାରେ ଦେଢ଼ ଏକର ଜାଗା ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋ ପାହାଳ ରସଗୋଲା ବ୍ୟବସାୟୀ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା, ମଦନ ମୋହନ ଦୁଗ୍ଧଜାତ ଦ୍ରବ୍ୟର ସଭାପତି ଧ୍ରୁବଚରଣ ବେହେରା, ଦିବାକର ଦାସ, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଓଡ଼ିଶା ଗସ୍ତରେ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ଏସିଆ ପାସିଫିକ୍ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୨।୭(ବ୍ୟୁରୋ)

ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ଚାଇଲ୍ଡ ଏଜୁକେଶନ, କ୍ଲିନ୍ ଇଣ୍ଡିଆ, ଫିଟ୍ ଇଣ୍ଡିଆ ଭଳି ପ୍ରକଳ୍ପ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟକାରୀ ହେଉଛି। ଏସବୁ ପ୍ରକଳ୍ପ ଅନୁଧ୍ୟାନ ପାଇଁ ପ୍ରଥମଥର ଏସିଆ ପାସିଫିକ୍ ରିଜିଅନ ଫିଲିପାଇନ୍ସରୁ ୬ ଜଣିଆ ଉଚ୍ଚ ପଦାଧିକାରୀ ଦଳ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଦଳରେ ଆଞ୍ଚଳିକ ନିର୍ଦ୍ଦେଶକ ଜେ.ଆର୍.ସି. ପାଙ୍ଗିଲିନାନ୍, ଶିକ୍ଷା ପ୍ରଣାଳୀ ନିର୍ଦ୍ଦେଶକ ସିଡ୍ କାଷ୍ଟିଲୋ, ପ୍ରକଳ୍ପ ଅଧିକାରୀ ଲାନ୍ସ ପାପା ଇଭର୍ସନ, ବନ ଅଧିକାରୀ ଆର୍ଯ୍ୟ ଫ୍ରାନ୍ସିସ୍କୋ କାମେରୋଷ, ପ୍ରବନ୍ଧକ ବ୍ୟାଟ୍ରେରିଜ୍ କାନେଡିସ୍ ଏବଂ ଏନ୍.ଏସ୍.ଓ କୋଅର୍ଡିନେଟର ତଥା ଅତିରିକ୍ତ ଅନ୍ତର୍ଜାତୀୟ କମିଶନର ମଧୁସୂଦନ ଆଭାଲା ଅଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ସେମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ସ୍କାଉଟିଂର ସଫଳତା ସହିତ ଏହି ପରିଦର୍ଶନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଉକ୍ତ ପ୍ରତିନିଧି ମଣ୍ଡଳୀ ଏସିଆ ପାସିଫିକ୍ ଅଞ୍ଚଳରେ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ଯୁଦ୍ଧଖୋର ପୃଥିବୀରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ କାମ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ସଭାପତି ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓଡ଼ିଶା ସ୍କାଉଟ୍ସର କାର୍ଯ୍ୟକ୍ରମ ବିଶ୍ୱସ୍ତରରେ ପ୍ରଶଂସିତ ହେଉଥିବାରୁ ଓ ନିଜେ ଜଣେ ସ୍କାଉଟ୍ ବୋଲି କହି ଖୁସିବ୍ୟକ୍ତ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ପାଙ୍ଗିଲିନାନ୍ ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟ ବୋଲି କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଅନ୍ୟମାନେ।

# ନୂଆ ଷ୍ଟାଣ୍ଡକୁ ଗଡୁନି ବସ୍



ଜଟଣୀ ନୂଆ ବସ୍‌ଷ୍ଟାଣ୍ଡ।

ଜଟଣୀ,୧୨।୭(ଡି.ଏନ୍.ଏ.)

### ଉଦ୍‌ଘାଟନକୁ ୨୧ ବର୍ଷ ବିତିଲା

ଉଦ୍‌ଘାଟନର ୨୧ବର୍ଷ ପରେ ବି ଖୋର୍ଦ୍ଧା ଜିଲା ଜଟଣୀର ନୂଆ ବସ୍‌ଷ୍ଟାଣ୍ଡକୁ ଗଡୁନି ବସ୍। ଫଳରେ ଏଠାରେ ଅସମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଥାଉ କି, ଜଟଣୀରୁ ବିଭିନ୍ନ ଅଞ୍ଚଳକୁ ବସ୍ ଯୋଗେ ସୁବିଧାରେ ଗମନାଗମନ ଓ ବ୍ୟବସାୟର ଅଭିବୃଦ୍ଧିକୁ ଲକ୍ଷ୍ୟ ରଖି ୧୯୯୬ ଅଗଷ୍ଟ ୧୬ରେ ବିଡିଏ ଦ୍ୱାରା ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଜଟଣୀ ପୌରାଞ୍ଚଳ ଅଧୀନ ହରିଭାଇନା ଛକ ଏବଂ ଜଟଣୀ ମହାବିଦ୍ୟାଳୟ ମାର୍ଗ ନିକଟରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୦୦ ଜାନୁୟାରୀ ୪ ରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ଭୂପିନ୍ଦର ସିଂହ ଏହି ନୂତନ ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତତ୍କାଳୀନ ଅବକାରୀ ମନ୍ତ୍ରୀ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବିଡିଏ ଉପାଧ୍ୟକ୍ଷ ସି.ଜେ. ବେଣୁଗୋପଳ ଉପସ୍ଥିତ ଥିଲେ। ବସ୍‌ଷ୍ଟାଣ୍ଡରୁ ବିଭିନ୍ନ ସ୍ଥାନକୁ ଲୋକେ ଯାଇପାରିବେ ଏହାର ଲକ୍ଷ୍ୟ ରହିଥିଲା। ତେବେ ଉଦ୍‌ଘାଟନ ଠାରୁ କିଛି ଦିନ ବସ୍‌ଷ୍ଟାଣ୍ଡକୁ କେତେକ ବସ୍ ଓ ଟ୍ରେକର ଯାତାୟାତ କରିଥିଲା। ପରେ କୌଣସି କାରଣରୁ ବସ୍‌ଷ୍ଟାଣ୍ଡକୁ ଆଉ ବସ୍ ଯାଇ ନ ଥିଲା। ଫଳରେ ୨୧ ବର୍ଷ ହେବ ବସ୍‌ଷ୍ଟାଣ୍ଡ ଭିତରକୁ ବସ୍ ଗଡୁନାହିଁ।

### ଏମାନେ ଯାହା କୁହନ୍ତି...

" ଜଟଣୀ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସିଟି ବସ୍ କିପରି ଉକ୍ତ ବସଷ୍ଟାଣ୍ଡରୁ ଚଳାଚଳ କରିବ ସେନେଇ କ୍ରୁଟ୍ ଅଧିକାରୀଙ୍କ ସହ ଆଲୋଚନା କରାଯିବ। ଖୁବ୍‌ଶୀଘ୍ର ଜନସାଧାରଣ ସୁବିଧା ପାଇପାରିବେ।

**-ଦିଲୀପ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ**

" ଅତୀତ କଥାକୁ ଦୋହରାଇ କିଛି ଲାଭ ନାହିଁ। କାଉନସିଲର ୩ୟ ବୈଠକରେ ଆଲୋଚନା କରିଛି। ଜଟଣୀ ବସଷ୍ଟାଣ୍ଡର ଉନ୍ନତି ଏବଂ ସହର ଓ ବାହାରୁ ଆସୁଥିବା ସମସ୍ତ ବସ୍ କିପରି ବସ୍‌ଷ୍ଟାଣ୍ଡ ଦେଇ ଯାତାୟାତ କରିବ ସେ ଦିଗରେ ଚେଷ୍ଟା ଜାରି ରହିଛି।

**- ଅନନ୍ତ କୁମାର ବେହେରା, ନଗରପାଳ**

" ବିଡିଏ ପାଣ୍ଠିରେ ବସ୍‌ଷ୍ଟାଣ୍ଟ ନିର୍ମାଣ କରାଯାଇ ଉଦ୍‌ଘାଟନ ହୋଇଥିଲା। ଜଟଣୀରୁ ଖୋର୍ଦ୍ଧା, ପିପିଲି, ପୁରୀ ଏବଂ ବିଭିନ୍ନ ପଡ଼ୋଶୀ ଜିଲାକୁ ବସ୍ ଓ ଟ୍ରେକର ଚାଲୁଥିଲା। ଉକ୍ତ ସମୟରେ ହରିଭାଇନା ଛକ ଠାରେ ଆର୍‌ଟିଓ ଜଗିବାରୁ କିଛିଦିନ ବସ୍, ଟ୍ରେକର ବସ୍‌ଷ୍ଟାଣ୍ଡ ଦେଇ ଯାତାୟାତ କରିଥିଲା। ପରେ ବନ୍ଦ ହୋଇଯାଇଛି।

**- ଗୌରୀପ୍ରସାଦ ସିଂ, ପୂର୍ବତନ ନଗରପାଳ**

" ବସ୍ ମନଇଚ୍ଛା ସହରର ବିଭିନ୍ନ ସ୍ଥାନରେ ରହୁଛି। ଫଳରେ ଜରୁରୀ ସମୟରେ ବସ୍ ନ ପାଇ ଅଧିକ ଟଙ୍କା ଦେଇ ଅଟୋରେ ଯିବାକୁ ପଡୁଛି। ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ ମୋ ଭଳି ସାଧାରଣ ଲୋକ ଉପକୃତ ହୋଇପାରିବେ।

**- ପ୍ରବୀଣ ଛୋଟରାୟ, ବରିଷ୍ଠ ନାଗରିକ**

## ମର୍କତ ନଗର ରାସ୍ତା ମରାମତି ପାଇଁ ଦାବି

**କଟକ ଅଫିସ:** ମର୍କତ ନଗର ଅଞ୍ଚଳରେ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ମରାମତି କିମ୍ବା ନବୀକରଣ ନ ହେବାରୁ ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ରାସ୍ତା ମରାମତି ଦାବିକରି କଟକ ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଆର୍‌ଆଣ୍ଡବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଭାସ ମାଝିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେଲେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଶୈଳବାଳା ଜେନା, ତୃପ୍ତି ଦାସ, ଶରତ ଚନ୍ଦ୍ର ଶେଠୀ, ପ୍ରଦୋଷ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୧୨।୭:** କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର ମର୍କତନଗର ସେକ୍ଟର-୬ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଇଣ୍ଡ୍‌ସର ପ୍ୟାଲେସଠାରୁ ଜୟପ୍ରକାଶ ନାରାୟଣ ପାର୍କ ପର୍ଯ୍ୟନ୍ତ ବେଆଇନ ଭାବେ ରାସ୍ତା ପାର୍ଶ୍ୱରେ ଉଠାଦୋକାନ ଗଢି ଉଠିଥିବାରୁ ଯାତାୟାତରେ ଲୋକମାନେ ଅସୁବିଧା ଭୋଗୁଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ସିଡିଏ ପକ୍ଷରୁ ମର୍କତନଗର ପୋଲିସ ସହାୟତାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଫଳରେ ୪୫ରୁ ଊର୍ଦ୍ଧ୍ୱ ଉଠାଦୋକାନ ଭଙ୍ଗାଯାଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ କ୍ୟାବିନ୍ ସ୍ଥାନାନ୍ତର କରାଯାଇଛି।

### ୮ ଏମ୍‌ସିସି ପରିଦର୍ଶନ କଲେ ସିଏମ୍‌ସି କମିଶନର

**କଟକ ଅଫିସ,୧୨।୭:** କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ ମଙ୍ଗଳବାର ୮ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ପରିଦର୍ଶନ କରିଛନ୍ତି। ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ଖତ ପ୍ରସ୍ତୁତ କ୍ଷେତ୍ରରେ କ'ଣ ସମସ୍ୟା ସୃଷ୍ଟି ହେଉଛି ଓ ଏହାର ସମାଧାନ ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଓ ଡେପୁଟି କମିଶନର ସଞ୍ଜୀବିତା ରାୟଙ୍କଠାରୁ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ସିଟି ଇଞ୍ଜିନିୟର ସୁବାରାଓ ପାତ୍ର ଉପସ୍ଥିତ ଥିଲେ।

### ଫେଂବର ବ୍ଲକ ୟୁନିଟ୍‌ର ଶୁଭାରମ୍ଭ

**ଟିଗିରିଆ,୧୨।୭(ଡି.ଏନ୍.ଏ.):** ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପୋପରା ସାହିଠାରେ ମା'ଦୁର୍ଗା ଫ୍ଲାଏ ଆଶ୍ ଇଟା କମ୍ପାନୀ ତରଫରୁ ଏକ ନୂତନ ଫେଂବର ବ୍ଲକ ୟୁନିଟର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଡ଼ନାଉପୁଟ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସଂଗ୍ରାମ ସାମଲ, ସମ୍ମାନିତ ଅତିଥି ଭାବେ ପାଞ୍ଚଗାଁ ପୂର୍ବତନ ସମିତିସଭ୍ୟ ରଘୁନାଥ ଦାଶ, ସରପଞ୍ଚ ନିରଞ୍ଜନ ଦଳେଇ, ସମିତିସଭ୍ୟ ପ୍ରକାଶ ବେହେରା, ସୁରେଶ ଚୌଧୁରୀ, ଜିତେନ୍ଦ୍ର ପ୍ରଧାନ, ଦୁର୍ଯ୍ୟୋଧନ ରାଉତ, ପ୍ରୋପ୍ରାଇଟର ନିତ୍ୟାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ପାଣି ପଞ୍ଚାୟତ ବୈଠକ

**କଣ୍ଟାପଡା,୧୨।୭(ଡି.ଏନ୍.ଏ.):** ଆଗାମୀ ଖରିଫ ଋତୁରେ ଚାଷଜମିକୁ କେନାଲ ଜଳର ସୁପରିଚାଳନା ପାଇଁ କେନାଲ କାର୍ଯ୍ୟ ତୁରନ୍ତ ସାରିବା ଲାଗି କଣ୍ଟାପଡା ଜଳସେଚନ ବିଭାଗ ପକ୍ଷରୁ ଏକ ଜରୁରୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଖେରସସ୍ଥିତ ଏଗାରେଶ୍ୱର ମହାଦେବଙ୍କ ପୀଠରେ ଆୟୋଜିତ ବୈଠକରେ ୭ଟି ପାଣି ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇ ଖରିଫ ଋତୁରେ ଚାଷଜମିକୁ କେନାଲଯୋଗେ କିପରି ଜଳସେଚନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କଣ୍ଟାପଡା ଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ବିଷ୍ଣୁପ୍ରସାଦ ବାହିନୀପତି, ନିରୋଜ ପଲାଇ, ପ୍ରିୟବ୍ରତ ମହାପାତ୍ର, ପାଣି ପଞ୍ଚାୟତ ସଭାପତି ଶ୍ରୀମନ୍ତ ମହାପାତ୍ର, ଧର୍ମବୀର କାନୁନ୍‌ଗୋ ପ୍ରମୁଖ ଯୋଗ ଦେଇଥିଲେ।

# ରାସ୍ତାରେ ପାଣି, ଯାତାୟାତରେ ସମସ୍ୟା

**ଚୌଦ୍ୱାର,୧୨।୭(ଡି.ଏନ୍.ଏ.)**


ଧୂମାବତୀ ବିହାର କଲୋନୀ ରାସ୍ତାରେ ବର୍ଷାପାଣି।

ଲଘୁଚାପଜନିତ ଲଗାଣ ବର୍ଷାରେ ଚୌଦ୍ୱାର ପୌରପାଳିକାର ବିଭିନ୍ନ ୱାର୍ଡ ଜଳମଗ୍ନ ହୋଇଛି। ବିଶେଷକରି ଜଳ ନିଷ୍କାସନ ହୋଇ ନ ପାରିବାରୁ ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଧୂମାବତୀ ବିହାର କଲୋନୀ ରାସ୍ତାରେ ବର୍ଷାପାଣି ଜମି ରହିଛି। ଏଥିଯୋଗୁ ଯାତାୟାତରେ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପୌରପାଳିକା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା, ଯନ୍ତ୍ରୀ ମହେଶ ପ୍ରସାଦ ମିଶ୍ର, ସଞ୍ଜୟ ସାମଲ ପ୍ରମୁଖ ମଙ୍ଗଳବାର ଉକ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସ କଲୋନୀର ସ୍ଥିତି ସମ୍ପର୍କରେ ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ଅବଗତ କରାଇବା ସହିତ କଲୋନୀରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏଭଳି ସ୍ଥିତି ଉପୁଜିଥିବା ପ୍ରକାଶ କରିଥିଲେ। କଲୋନୀ ରାସ୍ତା କଡ଼ରେ ଡ୍ରେନ୍ ଖୋଳାଯାଇ ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଥିଲା। ସେହିପରି ଆବଶ୍ୟକ ସ୍ଥଳେ ହ୍ୟୁମ୍ ପାଇପ୍ ପକାଯାଇ ଉଦ୍‌ବୃତ୍ତ ଜଳକୁ ରାସ୍ତାପାର୍ଶ୍ୱ ନାଳକୁ ଛଡାଯିବା ଦ୍ୱାରା ସନ୍ଧ୍ୟା ସୁଦ୍ଧା ରାସ୍ତାରୁ ଜଳସ୍ତର କମିଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ଅନ୍ୟ ୱାର୍ଡଗୁଡିକରେ ଜଳ ନିଷ୍କାସନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଉପାଧ୍ୟକ୍ଷା ସାମଲ କହିଛନ୍ତି।

# ଶିଳ୍ପୋଦ୍ୟୋଗୀ ଶିବବ୍ରତ ରାଉତଙ୍କୁ ରାଷ୍ଟ୍ରୀୟ ଏମ୍‌ଏସ୍‌ଏମ୍‌ଇ ପୁରସ୍କାର



ଶିଳ୍ପୋଦ୍ୟୋଗୀ ଶିବବ୍ରତ ରାଉତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମାନିତ କରୁଛନ୍ତି।

**କଟକ ଅଫିସ, ୧୨।୭**

### ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ସମ୍ମାନିତ କଲେ

ଓଡ଼ିଶାର ଯୁବ ଶିଳ୍ପୋଦ୍ୟୋଗୀ ଶିବବ୍ରତ ରାଉତ ରାଷ୍ଟ୍ରୀୟ ଏମ୍‌ଏସ୍‌ଏମ୍‌ଇ ପୁରସ୍କାର-୨୦୨୨ ପାଇଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବବ୍ରତଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ରାଉତ କଟକଠାରେ ପ୍ରତିଷ୍ଠିତ ଅମରନାଥ ପେଷ୍ଟ ମ୍ୟାନେଜମେଣ୍ଟ ଟେକ୍ନୋଲୋଜିର ପରିଚାଳନା ନିର୍ଦ୍ଦେଶକ। ସେ କୀଟପୋକ ନିୟନ୍ତ୍ରଣ କ୍ଷେତ୍ରରେ ଉତ୍ତମ ସେବା ଓ ଉତ୍କର୍ଷ ପ୍ରଦାନ କରିଥିବାରୁ ଜାତୀୟ ଚୟନ କମିଟି ଏହି ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରିଥିଲେ। ସେବା ଉଦ୍ୟମିତା କ୍ଷେତ୍ରରେ ତାଙ୍କୁ ଜାତୀୟସ୍ତରରେ ତୃତୀୟ ପୁରସ୍କାର ମିଳିଥିଲାବେଳେ କୀଟପୋକ ନିୟନ୍ତ୍ରଣ କ୍ଷେତ୍ରରେ କମ୍ପାନୀଗୁଡିକ ପାଇଁ ଏହା ପ୍ରେରଣା ଆଣିଦେବ ବୋଲି ସେ କହିଛନ୍ତି। ଭାରତ ସରକାରଙ୍କ କଟକସ୍ଥିତ ଏମ୍‌ଏସ୍‌ଏମ୍‌ଇ ବିଭାଗ ସମେତ ନିଜ ମା' ବାପା ଓ କମ୍ପାନୀର କର୍ମଚାରୀମାନଙ୍କ ସହଯୋଗ ପାଇଁ ଜାତୀୟ ସ୍ତରରେ ଏହି ସ୍ୱୀକୃତି ମିଳିଛି ବୋଲି ରାଉତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କଟକ ମହାନଦୀ ବିହାରଠାରେ ୧୨ ବର୍ଷ ତଳେ ୨ ଜଣ କର୍ମଚାରୀଙ୍କୁ ନେଇ ରାଉତ ଏହି ସଂସ୍ଥା ଆରମ୍ଭ କରିଥିଲେ। ଉକ୍ତ ସଂସ୍ଥା ଏବେ ୬୦ ଜଣ କର୍ମଚାରୀଙ୍କୁ କର୍ମନିଯୁକ୍ତି ଯୋଗାଇ ଦେଉଛି। ଏହାର ୩ ହଜାରରୁ ଅଧିକ ଗ୍ରାହକ ରହିଛନ୍ତି। କଟକ ଜିଲା ମାହାଙ୍ଗା ବ୍ଲକ ଅଧୀନ କାଳିଅଣ୍ଟି ଗ୍ରାମର ଜଗନ୍ନାଥ ରାଉତ ଓ ସାହିତ୍ୟିକା ଲବଙ୍ଗଲତା ରାଉତଙ୍କ ପୁତ୍ର ହେଉଛନ୍ତି ଶିବବ୍ରତ।

# ଅକ୍ଷୟ, ସମରେନ୍ଦ୍ର, ଦୀପକ ସଭାପତି

**ବାଙ୍କୀ/ମାହାଙ୍ଗା,୧୨।୭(ସ୍ୱ.ପ୍ର.)**

### ସମବାୟ ସମିତି ନିର୍ବାଚନ

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ତାଳବସ୍ତ ସେବା ସମବାୟ ସମିତିର ସଭାପତି ଭାବେ ଅକ୍ଷୟ ବେହେରା ମଙ୍ଗଳବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ପାଲ ନିର୍ବାଚନ ପରିଚାଳନା କରିଥିବାବେଳେ ସମ୍ପାଦକ ପ୍ରଫୁଲ୍ଲ ଦାସ ଏଥିରେ ସହଯୋଗ କରିଥିଲେ। ବାଙ୍କୀ କ୍ରେଡିଟ୍ ସମବାୟ ବ୍ୟାଙ୍କ ଓ ରାମଚନ୍ଦ୍ରପୁର ସେବା ସମବାୟ ସମିତିର ସଭାପତି ଭାବେ ସମବାୟବିତ୍ ସମରେନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ମହାପାତ୍ର ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ଭାବରେ କାର୍ଯ୍ୟ କରୁଥିଲେ। ସେହିପରି ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ସେବା ସମବାୟ ସମିତି ସଭାପତି ଭାବେ ଦୀପକ ରଞ୍ଜନ ଦାଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମିତିର ସଭାପତି ପଦ ନିମନ୍ତେ କେବଳ ଦୀପକ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ଯାଞ୍ଚ ପରେ ନିର୍ବାଚନ ଅଧିକାରୀ ଅମିତ ସ୍ୱାଇଁ ତାଙ୍କୁ ସଭାପତି ଘୋଷଣା କରିଥିଲେ।


ନୀଳାଦ୍ରି ବିଜେ ଅବସରରେ ମଙ୍ଗଳବାର କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରକୁ ଶ୍ରୀଜୀଉଙ୍କୁ ନିଆଯାଉଛି।

# ଚୌଦ୍ୱାର ଜେଲ ଗଲେ ମୁଖ୍ୟ ଅଭିଯୁକ୍ତ

### ୨ ଭାଇଙ୍କୁ ଟ୍ରକ୍ ଚଢ଼ାଇ ହତ୍ୟା ଘଟଣା

**ଟିଗିରିଆ,୧୨।୭ (ଡି.ଏନ୍.ଏ.)**

ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଗ୍ରାମରେ ପୂର୍ବଶତ୍ରୁତାରୁ ଦୁଇ ଭାଇଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଟେଲ ମାଲିକ ଜୀବନାନନ୍ଦ ମଲ୍ଲିକ ଓରଫ ଶୁକୁଟାଙ୍କୁ ପୋଲିସ ସୋମବାର ଗିରଫ କରିଥିବାବେଳେ ମଙ୍ଗଳବାର ଟିଗିରିଆ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାରା ଜେଲକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି। ଗତ ଗୁରୁବାର ଅପରାହ୍ନରେ ଭିରୁଡ଼ା ଗରପଡ଼ାସାହିର ଦୁଇ ଭାଇ ଶରତ ଦେହୁରୀ ଏବଂ ଲକ୍ଷ୍ମଣ ଦେହୁରୀଙ୍କୁ ଗ୍ରାମ ନିକଟ ଏଟିଏମ୍ ଛକଠାରେ ଯୋଜନାବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଉଭୟ ରାସ୍ତାରେ ମୁମୂର୍ଷୁ ଅବସ୍ଥାରେ ପଡ଼ିବା ପରେ ସେମାନଙ୍କ ଉପରେ ଟ୍ରକ ଚଢ଼ାଇ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜେନା କହିଛନ୍ତି। ଏନେଇ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତାଲିମ ଶିବିର ଉଦ୍‌ଯାପିତ

**ସାଲେପୁର,୧୨।୭(ଡି.ଏନ୍.ଏ.)**

୫-ଟି ଉଚ୍ଚ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ସାଲେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ ଯୋଗଦେଇଥିଲେ। ୫ଦିନ ବ୍ୟାପୀ ଆୟୋଜିତ ଏହି ତାଲିମ୍ ଶିବିରରେ ମାହାଙ୍ଗା, ସାଲେପୁର ଅଞ୍ଚଳର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇଥିଲେ। ଏଥିରେ ପ୍ରଶିକ୍ଷକ ଭାବେ ସହକାରୀ ଶିକ୍ଷା ଜିଲା ଅଧିକାରୀ ସନ୍ତୋଷ କୁମାର ରାଉତ, ସୋନାମିକା ରାୟ, ମନୋରଞ୍ଜନ ବାରିକ, ଅଶୋକ କୁମାର ସେଠୀ ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# 'ଶିକ୍ଷାର ବିକାଶରେ ଦେଶର ବିକାଶ'

**ସାଲେପୁର,୧୨।୭(ଡି.ଏନ୍.ଏ.)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଯୋଗଦେଇ ଶିକ୍ଷାର ବିକାଶ ହେଲେ ରାଜ୍ୟ, ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ। ସେ ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର। ଏବେ ବିଦ୍ୟାଳୟଟି ଯେଉଁଭଳି ଭାବେ ଉନ୍ନତି ପଥରେ ଆଗେଇ ଚାଲିଛି, ସେଥିପାଇଁ ଗର୍ବିତ ବୋଲି ଜେନା କହିଥିଲେ। ସମ୍ମାନିତ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ମହାବିଦ୍ୟାଳୟକୁ ସେ ୩ବର୍ଷ ମଧ୍ୟରେ ୩୦ଲକ୍ଷ ଟଙ୍କା ବିଧାୟକ ପାଣ୍ଠିରୁ ମଞ୍ଜୁର କରିଥିବା କହିଥିଲେ। ଏହି ଅବସରରେ କଲେଜର ପ୍ରତିଷ୍ଠାତା ବାବନ ଚରଣ ପରିଡ଼ା, ପୂର୍ବତନ ବିଧାୟକ ସ୍ୱର୍ଗତ ବିରଜା ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ଏଥିସହ ନବ ନିର୍ମିତ ଫନି ହଲ୍, ପ୍ରାଣୀ ବିଜ୍ଞାନ ଗବେଷଣା କେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଥିଲା। ମହାବିଦ୍ୟାଳୟର ବିକାଶ ଦିଗରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, କଲେଜ ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଗୋପୀନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ବେହେରା ଏଥିରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଅନନ୍ତ ଚରଣ ପ୍ରଧାନ, ବରେଣ୍ୟ ଅତିଥି ଭାବେ ଗୋପୀନାଥପୁର ସରପଞ୍ଚ ଦମୟନ୍ତୀ ମହାନ୍ତି, ମୁଖ୍ୟବକ୍ତା ଭାବେ ପୁରାତନ ଶିକ୍ଷକ ଜଟାଧାରୀ ପତି, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ହୃଷୀକେଶ କାନୁନ୍‌ଗୋ, ପୁରାତନ ଛାତ୍ର ସଂସଦର ସଭାପତି ଶିଶିର ପ୍ରଧାନ, ନିରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ଶିକ୍ଷକ କାଳନ୍ଦୀ ଚରଣ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ।

# ୨୦୨୨ ସ୍ନାତକ ବ୍ୟାଚ୍‌ର ୪୭ ଛାତ୍ରୀଛାତ୍ର ପାଇଛନ୍ତି ନିଯୁକ୍ତି

**କଟକ ଅଫିସ, ୧୨।୭**

### ଏନ୍‌ଏଲ୍‌ୟୁଓ

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍‌ଏଲ୍‌ୟୁଓ) ୨୦୨୨ ସ୍ନାତକ ବ୍ୟାଚ୍‌ର ୪୭ ଜଣ ଛାତ୍ରୀଛାତ୍ର ବର୍ତ୍ତମାନ ସୁଦ୍ଧା ନିଯୁକ୍ତି ପାଇଛନ୍ତି। କରୋନା ମହାମାରୀ ସତ୍ତ୍ୱେ ଚଳିତ ବ୍ୟାଚ୍‌ର ୭୮ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତ ଦିଆଯାଇଛି। ଏହା ୨୦୧୬-୨୧ ବ୍ୟାଚ୍‌ର ନିଯୁକ୍ତିଠାରୁ ୩୮.୨ ପ୍ରତିଶତ ବୃଦ୍ଧି ଘଟିଛି। ଚଳିତବର୍ଷ ନିଯୁକ୍ତି ପ୍ରକ୍ରିୟାରେ ୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରମୁଖ ଘରୋଇ ଆଇନ ଫାର୍ମରେ ୩୭, ନିଗମ ଓ ପରାମର୍ଶଦାତା ଫାର୍ମରେ ୫, ଲିଟିଗେଶନ ଚାମ୍ବର୍ସରେ ୩, ଅନୁସନ୍ଧାନ ଏବଂ ନୀତି ଥିଙ୍କ୍ ଟ୍ୟାଙ୍କ୍‌ରେ ୨ ଜଣ ନିଯୁକ୍ତ ହୋଇଛନ୍ତି। ଏହି ନିଯୁକ୍ତି ପ୍ରକ୍ରିୟାରେ ଖୈତାନ ଆଣ୍ଡ୍ କୋ, ଲକ୍ଷ୍ମୀକୁମାରନ ଆଣ୍ଡ୍ ଶ୍ରୀଧରାନନ୍ଦସିଂ ଆଣ୍ଡ୍ ଆସୋସିଏଟ୍‌ସ, ସରାଫ୍ ଆଣ୍ଡ୍ ପାର୍ଟନର୍ସ, ଏସ୍ ଆଣ୍ଡ୍ ଆର୍ ଆସୋସିଏଟ୍‌ସ, ଏଲ୍ ଆଣ୍ଡ୍ ଏଲ୍ ପାର୍ଟନର୍ସ, ବିଏମ୍‌ଆର୍ ଲିଗାଲ୍, ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ୍ ରିଟେଲ୍ ଲିମିଟେଡ୍ ଆଦି କମ୍ପାନୀ ଭାଗ ନେଇଥିଲେ। ଏତଦ୍‌ବ୍ୟତୀତ ୨୦୨୨ ବ୍ୟାଚ୍‌ର ସ୍ନାତକଧାରୀ ସିଭିଲ ସର୍ଭିସ, ଜୁଡିସିଆରି ପରୀକ୍ଷା ଏବଂ କ୍ୟାଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ୨ ଜଣ ଛାତ୍ରୀଛାତ୍ର ୱାଶିଂଟନ୍ ଡିସିସ୍ଥିତ ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟ ଓ ଲଣ୍ଡନ୍‌ର କିଙ୍ଗ୍‌ସ କଲେଜରେ ଉଚ୍ଚତର ପାଠ ପାଇଁ ନାମ ଲେଖାଇଛନ୍ତି। ସେହିପରି ଅନ୍ୟଜଣେ ଛାତ୍ର ୨୦୨୨-୨୩ ପାଇଁ ଲେଜିସଲେଟିଭ୍ ଆସିଷ୍ଟାଣ୍ଟ ଟୁ ମେମର୍ସ ଅଫ୍ ପାର୍ଲାମେଣ୍ଟ ଫେଲୋଶିପ୍ ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଡ. ବେଦ କୁମାରୀ, କୁଳସଚିବ ପ୍ରଫେସର ଡ. ଯୋଗେଶ ପ୍ରତାପ ସିଂ, ସହକାରୀ ପ୍ରଫେସର ଡ. ଆର୍ଯ୍ୟାଲୋପା ମିଶ୍ର, ଡ. ମୟଙ୍କ ତିୱାରୀ, ସହକାରୀ କୁଳସଚିବ କଲ୍ଲୋଳ କୁମାର ପଟ୍ଟନାୟକ ନିଯୁକ୍ତି ପ୍ରକ୍ରିୟାକୁ ସୁବିଧାଜନକ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# 'ଓଡ଼ିଶାର ସଂସ୍କୃତି ସହ ରସଗୋଲା ଜଡ଼ିତ'

**ଫୁଲନଖରା,୧୨।୭(ଡି.ଏନ. ଏ.)**

### ରସଗୋଲା ଦିବସ ପାଳିତ

ନୀଳାଦ୍ରି ବିଜେ ଅବସରରେ ପାହାଳ ମିଠା ଉଦ୍ୟୋଗୀ ଓ ପ୍ରସ୍ତୁତକାରୀ ସମିତି ପକ୍ଷରୁ ରସଗୋଲା ଦିବସ ପାଳିତ ହୋଇଯାଇଛି। ପାହାଳ ଥାନା ଅନ୍ତର୍ଗତ ପାହାଳ ବଜାର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କୁଅଁର, ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମେୟର କହିଥିଲେ, ଓଡ଼ିଶାର ସଂସ୍କୃତି ସହ ରସଗୋଲା ଜଡ଼ିତ। ପାହାଳ ରସଗୋଲାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ କରିବେ। ପାହାଳ ରସଗୋଲା ବ୍ୟବସାୟୀମାନଙ୍କ ପାଇଁ ଏକ କ୍ଲଷ୍ଟର ହାଉସ ନିର୍ମାଣ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଅନନ୍ତପୁରଠାରେ ଦେଢ଼ ଏକର ଜାଗା ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋ ପାହାଳ ରସଗୋଲା ବ୍ୟବସାୟୀ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା, ମଦନ ମୋହନ ଦୁଗ୍ଧଜାତ ଦ୍ରବ୍ୟର ସଭାପତି ଧ୍ରୁବଚରଣ ବେହେରା, ଦିବାକର ଦାସ, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।


ପାହାଳ ବଜାରରେ ଅନୁଷ୍ଠିତ ସଭାରେ ବିଧାୟକ, ମେୟର ଓ ଅନ୍ୟମାନେ।

# ବାସିଖାଦ୍ୟ ଖାଇ ୮ ଛାତ୍ରୀ ଅସୁସ୍ଥ

**ଖୁଣ୍ଟୁଣୀ,୧୨।୭(ଡି.ଏନ.ଏ.)**

### ମାଧପୁର ଜନଜାତି ବାଳିକା ବିଦ୍ୟାଳୟ

ଆଠଗଡ ବ୍ଲକ ଅଧୀନ ମାଧପୁରସ୍ଥିତ ସରକାରୀ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ସୋମବାର ବାସିଖାଦ୍ୟ ଖାଇ ୮ ଜଣ ଛାତ୍ରୀ ଅସୁସ୍ଥ ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ମାଧପୁରସ୍ଥିତ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଛାଡି ଦିଆଯାଇଥିଲା। ଅନ୍ୟ ତିନି ଛାତ୍ରୀ ମାମା ନାଏକ, ଧାନି ବେଶ୍ରା, ଜୁବିତା ରାଉତ ଏବେ ଚିକିତ୍ସିତ ହେଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି ସ୍କୁଲର ହଷ୍ଟେଲରେ ଦୀର୍ଘଦିନ ଧରି ଅନ୍ତେବାସୀମାନଙ୍କୁ ଠିକ୍ ଭାବେ ଖାଦ୍ୟ ଦିଆ ଯାଉ ନଥିବା ଅଭିଯୋଗ ହୋଇଆସୁଥିଲା। ସୋମବାର ବାସିଖାଦ୍ୟ ଦିଆଯିବାରୁ ୮ ଛାତ୍ରୀ ଅସୁସ୍ଥ ହୋଇଥିଲେ। ଏହି ଘଟଣା ଜଣାପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ କଟକ ଜିଲା ମଙ୍ଗଳ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ଉକ୍ତ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତବେଳେ ଛାତ୍ରୀମାନଙ୍କୁ ବାସିଖାଦ୍ୟ ଦିଆଯାଇଥିବା ଜଣାପଡିଥିଲା। ଏଥିପାଇଁ ଦାୟିତ୍ୱରେ ଥିବା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଅଳକା ମଲ୍ଲିକଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଘଡେଇଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିବା ସହିତ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଏଭଳି କାର୍ଯ୍ୟ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଚିକିତ୍ସିତ ହେଉଥିବା ସମସ୍ତ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ହଷ୍ଟେଲରେ ନିୟମ ମୁତାବକ ଖାଦ୍ୟ ଦିଆ ଯାଉ ନ ଥିବା ଛାତ୍ରୀମାନେ ଲିଖିତ ଆକାରରେ ମହାପାତ୍ରଙ୍କୁ ଜଣାଇଥିଲେ। ପରେ ମହାପାତ୍ର ଖାଦ୍ୟ ଓ ହଷ୍ଟେଲ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ତାଗିଦ୍ କରିବା ସହିତ ସରକାରଙ୍କ ନିୟମ ମୁତାବକ ଖାଦ୍ୟ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।


ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅସୁସ୍ଥ ଛାତ୍ରୀ।